بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ:
କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
# ବଦର
Weekly
# BADAR
କାଦିଆନ
Qadian
Odia

ସଂଖ୍ୟା: 13-14

ବାର୍ଷିକ ଦେୟ: 600/-

06-13 ଶୱାଲ-, 1447 ହି.କ, 26 ଅମାନ୍- 02 ଶାହାଦତ୍ 1405 ହି.ଶ,
26 March - 02 April 2026 ମସିହା
www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

اِنَّاۤ اَنۡزَلۡنٰہُ فِیۡ لَیۡلَۃِ الۡقَدۡرِ ۝ وَمَاۤ اَدۡرٰٮکَ مَا لَیۡلَۃُ الۡقَدۡرِ ۝ لَیۡلَۃُ الۡقَدۡرِ ۬ۙ خَیۡرٌ مِّنۡ اَلۡفِ شَہۡرٍ ۝ تَنَزَّلُ الۡمَلٰٓئِکَۃُ وَالرُّوۡحُ فِیۡہَا بِاِذۡنِ رَبِّہِمۡ ۚ مِنۡ کُلِّ اَمۡرٍ ۝ سَلٰمٌ ۟ۛ ہِیَ حَتّٰی مَطۡلَعِ الۡفَجۡرِ ۝ (ଅଲ୍ କଦର: 188)

**ଅନୁବାଦ**: ଆମ୍ଭେ ବାସ୍ତବରେ ଏହାକୁ ଅର୍ଥାତ୍ କୁରଆନକୁ ଏକ ମହତ୍ତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତ୍ରରେ ଅବତୀର୍ଣ୍ଣ କରିଅଛୁ ! ଏବଂ ହେ ମୁହମ୍ମଦ ! ତୁମ୍ଭଙ୍କୁ କ'ଣ ଜଣା ଯେ, ଯେଉଁ ରାତ୍ରରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ ? ଏହି ମହତ୍ତ୍ୱ ଭାଗ୍ୟଶାଳୀ ରାତ୍ର ତ' ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର । ପ୍ରତ୍ୟେକ ପ୍ରକାର ଦେବଦୂତ ଓ ପରିପୂର୍ଣ୍ଣ ଆତ୍ମା ନିଜ ପାଳନକର୍ତ୍ତାଙ୍କ ଆଦେଶ ଅନୁସାୟୀ ଏହି ରାତ୍ରରେ ସମସ୍ତ ସାଂସାରିକ ଓ ଆଧ୍ୟାତ୍ମିକ କାର୍ଯ୍ୟ ସହ ଅବତରଣ କରିଥାଆନ୍ତି । ଦେବଦୂତମାନେ ପ୍ରଭାତରେ ଅବତରଣ କଲାପରେ ପ୍ରଭାତର ଆଗମନ ପର୍ଯ୍ୟନ୍ତ ଶାନ୍ତି ହିଁ ଶାନ୍ତି ବିରାଜମାନ ହୋଇଥାଏ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ୍ ସ.ଅଙ୍କ ବାଣୀ

## ଲୈଲତୁଲ୍ କଦରର ମାହାତ୍ମ୍ୟତା ।

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହୋଇଯାଇଛି । ଏହି ମାସଟି ଅତ୍ୟନ୍ତ କଲ୍ୟାଣମୟ ମାସ ଅଟେ । ଈଶ୍ୱର ରମ୍‌ଜାନ୍ ମାସର ରୋଜା ରଖି ବା ଅନିର୍ବାର୍ଯ୍ୟ କରିଛନ୍ତି । ଉକ୍ତ ମାସର ବୈକୁଣ୍ଠ ଦ୍ୱାର ଉନ୍ମୁକ୍ତ (ଖୋଲି ଦିଆଯାଇଥାଏ) ଏବଂ ନର୍କ ଦ୍ୱାରା ବନ୍ଦ୍ କରିଦିଆଯାଇଥାଏ ଓ ସୈତାନ୍‌କୁ କବଳିତ କରି ଦିଆଯାଇଥାଏ । ଉକ୍ତ ମାସରେ ଏପରି ଏକ ରାତ୍ର ଆସ ଯେଉଁ ରାତ୍ରଟି ସହସ୍ର ମାସ ଅପେକ୍ଷା ସର୍ବୋତ୍କୃଷ୍ଟ ମାସ ଓ ରାତ୍ର ଅଟେ । ଯେଉଁ ବ୍ୟକ୍ତି ଉକ୍ତ ମାସର ପୁଣ୍ୟରୁ ବଞ୍ଚିତ ରହିଲା ସେହି ବ୍ୟକ୍ତି ବଞ୍ଚିତ ଅଟେ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-425)**

**ବଡ଼ ବଡ଼ ପାପର କଫ୍ଫାରାହ୍ (ପ୍ରାୟଶ୍ଚିତ୍ତ):**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହୁଥିଲେ ଯେ, ସପ୍ତାହର ଗୋଟିଏ ଶୁକ୍ରବାର ଠାରୁ ଆରମ୍ଭ କରି ଅନ୍ୟ ଶୁକ୍ରବାର ପର୍ଯ୍ୟନ୍ତ ପାଠ କରାଯାଇଥିବା ପାଞ୍ଚଲବେଳାର ନମାଜ୍ କଫ୍ଫାରାହ୍ ଅଟେ । ଅର୍ଥାତ୍ ସେହି ସବୁ ପାପ ଯାହା ସପ୍ତାହ ମଧ୍ୟରେ ସମ୍ପାଦିତ ହୋଇଥିବ । କିନ୍ତୁ ଯଦି ବ୍ୟକ୍ତି ବଡ଼ ବଡ଼ ପାପରୁ ନିବୃତ୍ତ ଓ ବର୍ତ୍ତିଥିବ ତେବେ ସେସ୍ଥଳେ ତାହା ବ୍ୟକ୍ତି ନିମନ୍ତେ ପ୍ରାୟଶ୍ଚିତ ସାବ୍ୟସ୍ତ ହେବ । **(ସହି ମୁସ୍‌ଲିମ୍, କିତାବୁତ୍ ତାହାରତ୍, ବାବୁସ୍ ସଲାତୁଲ୍ ଖମ୍‌ସି..)** ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ

**ସାଧୁ ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍ତମ ମାସ । ଉକ୍ତ ମାସରେ ଅସଂଖ୍ୟ ସତ୍ୟ ସ୍ୱପ୍ନ ହୋଇଥାଏ, ନମାଜ୍ ଆତ୍ମାକୁ ଶୁଦ୍ଧ ଏବଂ ପବିତ୍ର କରିଥାଏ ଓ ରୋଜା ହୃଦୟକୁ ଆଲୋକିତ କରିଥାଏ ।**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " شَہۡرُ رَمَضَانَ الَّذِیۡۤ اُنۡزِلَ فِیۡہِ الۡقُرۡاٰنُ **(ଅଲ୍ ବକ୍ରାହ୍: 186)** ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇଛି । ଉପରୋକ୍ତ ଆୟତରୁ ଏବା ଜ୍ଞାତ ହେଉଛି ଯେ, ପବିତ୍ର ରମ୍‌ଜାନ୍ ମାସର ବିଶେଷ ମାହାତ୍ମ୍ୟ ରହିଛି । ସାଧୁ ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍ତମ ମାସ । ଉକ୍ତ ମାସରେ ବହୁଳ ସତ୍ୟ ସ୍ୱପ୍ନ ହୋଇଥାଏ, ନମାଜ ଆତ୍ମାକୁ ଶୁଦ୍ଧ ଏବଂ ପବିତ୍ର କରିଥାଏ ଓ ରୋଜା ହୃଦୟକୁ ଆଲୋକିତ କରିଥା। ଆତ୍ମାକୁ ପବିତ୍ର କରିବାର ଯଥାର୍ଥ ଏହିକି ଯେ, ନଫ୍‌ସେ ଅମ୍ମାରାହ୍ (କୁକର୍ମ ନିମନ୍ତେ ପ୍ରବର୍ତ୍ତାଉଥିବା ଅନ୍ତରାତ୍ମା)ର ଯୌନ ଲାଳସା ଠାରୁ ଦୂରତା ପ୍ରାପ୍ତ ହୋଇଯାଉ ।

ସେହିପରି ହୃଦୟକୁ ଆଲୋକିତ କରିବାର ଅର୍ଥ ଏହିକି ଯେ, ସ୍ୱପ୍ନର ଦ୍ୱାରା ସେହି ବ୍ୟକ୍ତି ସକାଶେ ଉନ୍ମୁକ୍ତ ହୋଇଥାଏ। ଯଦ୍ଦ୍ୱାରାକି ସେହି ବ୍ୟକ୍ତି ଈଶ୍ୱରଙ୍କୁ ଦର୍ଶନ କରି ନେଉ (ଦେଖିନେଉ) । ଅତଏବ୍ اُنۡزِلَ فِیۡہِ الۡقُرۡاٰنُ **(ଅଲ୍ ବକ୍ରାହ୍: 186)** ରେ ଏହି ଆଡ଼କୁ ଇଙ୍ଗିତ ରହିଛି । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ରୋଜାର ପ୍ରତିଫଳ ମହାନ୍ ଅଟେ । କିନ୍ତୁ ରୋଗବ୍ୟାଧି ଏବଂ ସ୍ୱାର୍ଥ ଓ ଆକାଂକ୍ଷା ମନୁଷ୍ୟକୁ ସେହି ପୁରସ୍କାରରୁ ବଞ୍ଚିତ କରି ଦେଇଥାଆନ୍ତି । ମୋର ମନେଅଛି ଯେ, ଯୁବାବସ୍ଥାରେ ମୁଁ ଏକଦା ସ୍ୱପ୍ନରେ ଦେଖିଥିଲି ଯେ, ରୋଜା ରଖିବା ଆଁହଜରତ୍ ସ.ଅଙ୍କ ବଂଶ ବା ପରିବାରର ପରମ୍ପରା ଅଟେ । ଅତଏବ୍ ମୋ ସପକ୍ଷରେ (ହ. ମସିହ୍ ମଉଦ୍ ଅ.ସଙ୍କ ସପକ୍ଷରେ) ଆଁହଜରତ୍ ସ.ଅ କହିଲେ: " سَلۡمَانُ مِنَّا اَہۡلَ الۡبَیۡتِ ସଲ୍‌ମାନ୍ الصُّلۡحَانِ ଅର୍ଥାତ୍ ସଲ୍‌ମାନ୍ ସହିତ ଦୁଇଟି ସନ୍ଧି ହେବ ।1- ଆଭ୍ୟନ୍ତରୀଣ ସନ୍ଧି 2- ବାହ୍ୟ ସନ୍ଧି ।

ପ୍ରତିଶ୍ରୃତ ମସିହ୍ ନିଜର କାର୍ଯ୍ୟ ଅତ୍ୟନ୍ତ କୋମଳତାର ସହିତ ସମ୍ପାଦନ କରିବ । ସେ ନିଜର କାର୍ଯ୍ୟ ଖଡ୍‌ଗ ଦ୍ୱାରା ସମ୍ପାଦିତ କରିବ ନାହିଁ । ମୁଁ (ହ. ମସିହ୍ ମଉଦ୍ ଅ.ସ) ହ. ହୁସୈନ୍ ର.ଅଙ୍କ ମତାବଲମ୍ବୀ (ବିଶ୍ୱାସୀ) ନୁହେଁ, ଯିଏ ଯୁଦ୍ଧ କରିଥିଲେ । ବରଂ ମୁଁ ହସନ୍ ର.ଅଙ୍କ ମତାବଲମ୍ବୀ ଅଟେ, ଯିଏ ଯୁଦ୍ଧ କରି ନଥିଲେ । ତେବେ ମୁଁ ଏହା ମନେକଲି ଯେ, ରୋଜା ଆଡ଼କୁ ଇଙ୍ଗିତ ରହିଛି।

ସୁତରାଂ ମୁଁ 6 ମାସ ପର୍ଯ୍ୟନ୍ତ ରୋଜା ରଖିଲି । ଇତି ମଧ୍ୟରେ ମୁଁ ଦେଖିଲି ଯେ, ଆଲୋକର ସମସ୍ତ ଖମ୍ବ ଆକାଶ ମୁହାଁ ହେଉଛନ୍ତି । ଉକ୍ତ ପ୍ରସଙ୍ଗଟି ସଂଶୟପୂର୍ଣ୍ଣ ଯେ, କ'ଣ ସେହି ଆଲୋକର ଖମ୍ବ ଭୂପୃଷ୍ଠରୁ ଆକାଶ ଆଡ଼କୁ ଯାଉଥିଲା ଅବା ମୋର ହୃଦୟରୁ ? କିନ୍ତୁ ଏହି ସମସ୍ତ ପ୍ରସଙ୍ଗ ଯୁବାବସ୍ଥାରେ ହିଁ ହୋଇପାରି ଥାଆନ୍ତା ଏବଂ ଯଦି ମୁଁ ବର୍ତ୍ତମାନେ ଚାହିଁ ଥାଆନ୍ତି ତେବେ 4 ବର୍ଷ ପର୍ଯ୍ୟନ୍ତ ରୋଜା ରଖି ପାରି ଥାଆନ୍ତି ।"

نشاط و جوانی تا بہ سی سال

چہل آمد فرو ریزد پر و بال

ବର୍ତ୍ତମାନ ଯେବେଠାରୁ ମୋତେ 40 ବର୍ଷ ଅତିକ୍ରାନ୍ତ ହୋଇଛି ସେବେଠାରୁ ମୁଁ ଦେଖୁଛି ଯେ, ମୋ ମଧ୍ୟରେ ଆଉ ସେହି କଥା ରହିଲା ନାହିଁ ଯାହା ପୂର୍ବେ ରହିଥିଲେ । ଅର୍ଥାତ୍ ମୁଁ (ହ. ମସିହ୍ ମଉଦ୍ ଅ.ସ) ପୂର୍ବେ ବଟାଲା ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଯାଉଥିଲି ଏବଂ ସେଠାରୁ ପାଦରେ ଚାଲି ଚାଲି ଫେରୁଥିଲି । କୌଣସି ପ୍ରକାରର ଆଳସ୍ୟତା ଏବଂ ଦୁର୍ବଳତା ମୋତେ ଲାଗୁ ନଥିଲା । କିନ୍ତୁ ବର୍ତ୍ତମାନ ମୁଁ ଯଦି ଚାରି ପାଞ୍ଚ ମାଇଲ୍ ପାଦରେ ଚାଲିକି ଚାଲିଯାଏ ତେବେ ମୋତେ ବହୁତ କଷ୍ଟ ଅନୁଭୂତ ହେଉଛି । 40 ବର୍ଷ ପରେ ପ୍ରାଣାଗ୍ନି ହ୍ରାସ ହେବା ଆରମ୍ଭ ହୋଇଯାଇଥାଏ । ଶରୀରରେ ରକ୍ତ କମ୍ ସୃଷ୍ଟି ହୋଇଥାଏ ଏବଂ ମନୁଷ୍ୟ ଉପରେ ଅନେକ ପ୍ରକାରର ବିପତ୍ତି, ଦୁର୍ଘଟଣା ଆସିଥାଏ । ବର୍ତ୍ତମାନ ଅନେକ ଥର ଏହା ଦେଖିବାକୁ ମିଳିଛି ଯେ, ଚିକିତ୍ସା ସମୟରେ ଯଦି ବେଶୀ ବିଳମ୍ବ (ଦେରି) ହୋଇଯାଏ ତେବେ ସ୍ୱାସ୍ଥ୍ୟବସ୍ଥା ବ୍ୟାକୁଳିତ ହୋଇ ଉଠିଥାଏ। ଅର୍ଥାତ୍ ବିଗିଡ଼ି ଯାଇଥାଏ ।"**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-561, ପ୍ରକାଶନ ସ୍ଥାନ-କାଦିୟାନ୍ ପ୍ରକାଶନ ବର୍ଷ-2003 ମସିହା)**

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

**ପ୍ରତ୍ୟେକ ବ୍ୟକ୍ତିର ଧନରେ ତା' ସଂପର୍କୀୟ, ଦିରଦ୍ର ଓ ଯାତ୍ରୀମାନଙ୍କର ଅଧିକାର ରହିଛି । ଆଁହଜରତ୍ ସ.ଅ କହିଲେ, ତୁମେମାନେ ଯେତେବେଳେ କୌଣସି ବସ୍ତିକୁ ଯାଅ ସେତେବେଳେ 3 ଦିନ ପର୍ଯ୍ୟନ୍ତ ତୁମର ଆତିଥ୍ୟତା ଗ୍ରହଣ କରିବାର ଅଧିକାର ରହିଛି । ଉକ୍ତ ଆଦେଶାବଳୀକୁ ଯଦି ସସଂସାରେ ପ୍ରଣୟନ କରାଯାଏ ତେବେ ଅନେକ ପ୍ରକାରର ଯେଉଁ ଦୋଷ ତ୍ରୁଟି ହୋଟେଲ୍ ଓ ପାନ୍ଥଶାଳାମାନଙ୍କରେ ଦେଖା ଦେଇଥାଏ ତାହା ଅତି ସହଜରେ ଦୂରୀଭୂତ ହୋଇଯିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 27 وَاٰتِ ذَا الۡقُرۡبٰی حَقَّہٗ وَالۡمِسۡکِیۡنَ وَابۡنَ السَّبِیۡلِ وَلَا تُبَذِّرۡ تَبۡذِیۡرًا ର ଆବୃତ୍ତି କଲେ ଏବଂ ଅନୁବାଦ ଉପସ୍ଥାପିତ **(ଅବଶିଷ୍ଟାଂଶ.........ପୃ-11ରେ)**



**ସମ୍ପାଦକୀୟ**

# କଲ୍ୟାଣମୟ ରମଜାନ୍ ମାସ ଧର୍ମପରାୟଣତା ଓ ସନ୍ତାନମାନଙ୍କର ସଂସ୍କାରର ବ୍ୟବହାରିକ ମୂଳଭିତ୍ତି ଅଟେ ।

ବାସ୍ତବିକତା ଦୃଷ୍ଟିରୁ ମନୁଷ୍ୟ ଜୀବନ ଅତ୍ୟନ୍ତ ସଂକ୍ଷିପ୍ତ ଓ ସାମୟିକ ଅଟେ । ପବିତ୍ର କୁରଆନ୍ କରୀମ୍ ଏହି ବାସ୍ତବତାକୁ ଅତ୍ୟନ୍ତ ସାମଗ୍ରିକ ଶୈଳୀରେ ତଥା ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛି । كُلُّ نَفْسٍ ذَآئِقَةُ الْمَوْتِ **(ଆଲେ ଇମ୍ରାନ୍: 186)** ଅର୍ଥାତ୍ ପ୍ରତ୍ୟେକ ପ୍ରାଣୀକୁ ମୃତ୍ୟୁର ସ୍ୱାଦ ଆସ୍ୱାଦନ (ଚାଖିବାକୁ) ପଡ଼ିବ । ଉପରୋକ୍ତ ଆୟତ୍ ଆମମାନଙ୍କୁ ସେହି ଆଡ଼କୁ ଇଙ୍ଗିତ କରୁଛି ଯେ, ସଂସାରର ଜୀବନ ପାଣି ଫୋଟକା ସଦୃଶ ଅଟେ । କୌଣସି ମନୁଷ୍ୟ ଏହି ସଂସାରରେ ଚିରକାଳ ପାଇଁ ରହିବା ନିମନ୍ତେ ଆସି ନାହିଁ । ସେହି ପ୍ରାଣୀକୁ ଦିନେ ନା ଦିନେ ନିଜର ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ପଡ଼ିବ । ଏହା ହିଁ ସେହି ମୌଳିକ ଧାରଣା ଯେଉଁ ଧାରଣା ଅନୁଯାୟୀ ଜଣେ ମୁସଲମାନ ବ୍ୟକ୍ତି ନିଜ ଜୀବନର ପ୍ରତ୍ୟେକ କର୍ମକୁ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ପ୍ରୟାସ କରି ନିଜକୁ ଶେଷ ପରିଣାମ ନିମନ୍ତେ ପ୍ରସ୍ତୁତ କରିଥାଏ ଏବଂ ଏହିପରି ଭାବରେ ସେ ଭବିଷ୍ୟତର ବଂଶଧରଙ୍କ ନିମନ୍ତେ ମଧ୍ୟ ଚିନ୍ତିତ ହୋଇଥାଏ ।

ଅଲ୍ଲାଃତାଲା ମନୁଷ୍ୟର ସ୍ୱଭାବରେ ଏହି ଉତ୍ସାହ ପ୍ରବିଷ୍ଟ କରି ଦେଇଛନ୍ତି ଯେ, ସେ ନିଜର ସନ୍ତାନକୁ ଧାର୍ମିକ ଓ ସାଂସାରିକ ରୂପେ ସଫଳ ମଣିଷ କରି ଗଢି ତୋଳିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ଯଥା ସମ୍ଭବ ପ୍ରୟାସ କରୁ । ଏହି କାରଣ ରହିଛି ଯେ, ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟାନୁଯାୟୀ ଓ ଜ୍ଞାନାନୁଯାୟୀ ନିଜର ବଂଶଧର ଓ ଆଗାମୀ ପିଢୀମାନଙ୍କର ସଂସ୍କାର କିରଥାଏ । ଜଣେ ଜ୍ଞାନୀ, ବିଦ୍ୱାନ୍ ବା ପଣ୍ଡିତ ନିଜର ସନ୍ତାନମାନଙ୍କୁ ଜ୍ଞାନର ଶିକ୍ଷା ପ୍ରଦାନ କରିଥାଏ, ଜଣେ ବ୍ୟବସାୟୀ ବା ବଣିକ ନିଜର ସନ୍ତାନକୁ ବାଣିଜ୍ୟ ବ୍ୟବସାୟର ନୀତି ସଂପର୍କରେ ଅବଗତ କରିଥାଏ, ଜଣେ ଡାକ୍ତର କିମ୍ବା ବୈଦ୍ୟ ନିଜର ଅଭିଜ୍ଞତା କିମ୍ବା ନିଜର ପଥ୍ୟ ଅନ୍ୟ ଶିଷ୍ୟମାନଙ୍କୁ ସ୍ଥାନାନ୍ତରିତ କରିବା ନିମନ୍ତେ ଉଦ୍ୟମ କରିଥାଏ । ଏହି ସମସ୍ତ କାର୍ଯ୍ୟର କେବଳ ଗୋଟିଏ ହିଁ ଅଭିପ୍ରାୟ ରହିଛି । ତାହା ଏହିକି ଯେ, ତା'ର ସନ୍ତାନ କେବଳ ତା' ଦ୍ୱାରା ସ୍ଥାପିତ ବ୍ୟବସାୟକୁ ଅବ୍ୟାହତ (ବଜାୟ) ରଖୁ ଏବଂ ବ୍ୟବସାୟକୁ ଅତିରିକ୍ତ ଉନ୍ନତି ପ୍ରଦାନ କରୁ । କିନ୍ତୁ ଜଣେ ମୁସଲମାନ ନିମନ୍ତେ ଏହାଠୁ ବଳି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଗୁରୁଦାୟିତ୍ୱ ରହିଛି । ତାହା ଏହିକି ଯେ, ମୁସଲମାନ ନିଜର ସନ୍ତାନମାନଙ୍କୁ ଧର୍ମ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କ ମଧ୍ୟରେ ଈଶ୍ୱର ପ୍ରେମ ସୃଷ୍ଟି କରୁ ଓ ଧର୍ମପରାୟଣତାର ଆତ୍ମାକୁ ଜାଗ୍ରତ କରୁ । ଏହା ହିଁ ସେହି ମୂଳଧନ ଯାହା ମନୁଷ୍ୟର ମୃତ୍ୟୁ ପରେ ମଧ୍ୟ ତା' ପାଇଁ ସଦ୍‌କା ଜାରିୟାହ୍ (ଅବ୍ୟାହତ ଦାନ) ଏବଂ ତା'ର ସାର୍ବକାଳୀନ ସଫଳତାର ବଳିଷ୍ଠ ମାଧ୍ୟମ ସାବ୍ୟସ୍ତ ହୋଇଥାଏ ।

ରସୁଲ୍ କରୀମ୍ ସ.ଅ କହିଲେ, ମନୁଷ୍ୟର ମୃତ୍ୟୁ ପରେ ତା' ସମସ୍ତ କର୍ମ ସମାପ୍ତ ହୋଇଯାଇଥାଏ । କିନ୍ତୁ କେତେକ ପ୍ରସଙ୍ଗ ଅବଶିଷ୍ଟ ରହିଥାଏ । ସେହି ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ଏପରି ପୁଣ୍ୟାବଳୀଗୁଡ଼ିକ ରହିଛି ଯାହା ସନ୍ତାନମାନଙ୍କ ମଧ୍ୟରେ ଅବ୍ୟାହତ ରହିଥାଏ । ତହିଁରୁ ଏହା ସ୍ପଷ୍ଟ ଯେ, ସନ୍ତାନମାନଙ୍କର ସଠିକ୍ ସଂସ୍କାର କେବଳ ସାଂସାରିକ ଲାଭ ଦେଇ ନଥାଏ ବରଂ ଶେଷ ଦିବସରେ ମଧ୍ୟ ମନୁଷ୍ୟ ନିମନ୍ତେ ଦୟାର ଓ କରୁଣାର କାରଣ ହୋଇଥାଏ । ଅତଏବ୍ କଲ୍ୟାଣମୟ ରମ୍‌ଜାନ୍ ମାସ ହେଉଛି ସେହି ସଂସ୍କାର ନିମନ୍ତେ ଏକ ଉତ୍କୃଷ୍ଟ ଏବଂ ପବିତ୍ର ମାସ । ସାଂପ୍ରତିକ ଯୁଗ ହେଉଛି ସେହି ଯୁଗ ଯେତେବେଳେ ଜଣେ ମୁସଲମାନ ନିଜେ ମଧ୍ୟ ଉପାସନା, ରୋଜା, ନମାଜ୍ ଏବଂ ତିଲାୱତେ କୁରଆନ୍ କରୀମ୍‌ରେ ନିମଜ୍ଜିତ ହୋଇଥାଏ । ତତ୍‌ସହିତ ତା' ମନ ଏହା ମଧ୍ୟ ଚାହିଁଥାଏ ଯେ, ତା'ର ସନ୍ତାନମାନେ ମଧ୍ୟ ସେହିସବୁ ପୁଣ୍ୟବାଳୀରେ ସାମିଲ୍ ହୁଅନ୍ତୁ । ଏହି ପରିବେଶରେ ସନ୍ତାନମାନଙ୍କ ମନରେ ମଧ୍ୟ ଉପାସନା କରିବାର ଆଗ୍ରହ ଓ ସ୍ପୃହା ସୃଷ୍ଟି ହୋଇଥାଏ ଏବଂ ସେମାନେ ନିଜର ମାତାପିତାଙ୍କୁ ଅନୁକରଣ କରି ରୋଜା ରଖିବା ଓ ନମାଜ୍ ପାଠ କରିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରିଥାଆନ୍ତି। କିନ୍ତୁ ଏଠାରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି ହୋଇଥାଏ । ତାହା ଏହିକି ଯେ, ସନ୍ତାନମାନଙ୍କୁ ରୋଜା ରଖିବାର ଅଭ୍ୟାସ କେଉଁ ବୟସରୁ ଆରମ୍ଭ କରିବା ଉଚିତ୍? କ'ଣ କମ୍ ବୟସର ପିଲାମାନଙ୍କୁ ବି ରୋଜା ରଖିବା ନିମନ୍ତେ ବାଧ୍ୟ କରିବା ଉଚିତ୍ ଅବା ତହିଁରେ ଧୀରେ ଧୀରେ କୋହଳ ନୀତି ଅବଲମ୍ବନ କରିବା ଉଚିତ୍ । ଏହା ଦେଖିବାକୁ ମିଳିଛି ଯେ, କେତେକ ଲୋକମାନେ ଏହି ପ୍ରସଙ୍ଗରେ ବାହୁଲ୍ୟତା (ଚରମ) ପନ୍ଥା ଅବଲମ୍ବନ କରି ସ୍ୱଳ୍ପ ବୟସର ପିଲାମାନଙ୍କୁ ଜୋର ଜବରଦସ୍ତ ରୋଜା ରଖିବା ନିମନ୍ତେ ବାଧ୍ୟ କରିଥାଆନ୍ତି ତ' ଆଉ କେତେକ ଲୋକମାନେ ତାରତମ୍ୟ (ନ୍ୟୁନତା) ପନ୍ଥା ଅବଲମ୍ବନ କରିଥାଆନ୍ତି । ଅର୍ଥାତ୍ ସେମାନେ ନିଜର ସନ୍ତାନମାନଙ୍କୁ ରୋଜା ରଖିବା ନିମନ୍ତେ ଅନୁପ୍ରାଣିତ କରନ୍ତି ନାହିଁ । ବରଂ ପବିତ୍ର କୁରଆନ୍ କରୀମ୍ ଆମମାନଙ୍କୁ ଯେଉଁ ମୌଳିକ ନୈତିକତାମୂଳକ ଶିକ୍ଷା ପ୍ରଦାନ କରିଛି ତାହା ଏହିକି ଯେ, ଉପଦେଶ ଏବଂ ସଂସ୍କାରର କୃତ୍ୟ ଅହରହ ଜାରି ରଖିବା ଉ୍ଚିତ୍ । وَذَكِّرْ فَإِنَّ الذِّكْرَىٰ تَنفَعُ الْمُؤْمِنِينَ **(ଅଜ୍ ଜାରିୟାତ୍:56)** ଏବଂ ସ୍ମରଣ କରାଉଥାଅ । କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ ଲାଭ ହିଁ ଦେଇଥାଏ ।

ସେହି ନୀତିର ପ୍ରକାଶରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ଢଙ୍ଗରେ ଛୋଟ ପିଲାମାନଙ୍କ ରୋଜା ରଖିବା ପ୍ରସଙ୍ଗରେ ମାର୍ଗଦର୍ଶ ପ୍ରଦାନ କରିଛନ୍ତି । ଆପଣ ର.ଅ କୁହନ୍ତି: "ପୁନଶ୍ଚ ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ଛୋଟ ପିଲାମାନଙ୍କୁ ରୋଜା ରଖାଇଥାଆନ୍ତି । କିନ୍ତୁ ପ୍ରତ୍ୟେକ ଅନିର୍ବାର୍ଯ୍ୟ ଏବଂ ଆଦେଶ ନିମନ୍ତେ ଭିନ୍ନ ଭିନ୍ନ ସୀମା ଏବଂ ଭିନ୍ନ ଭିନ୍ନ ସମୟ ରହିଛି । ମୋ ନିକଟରେ କେତେକ ଆଦେଶାବଳୀର ସମୟକାଳ 4 ବର୍ଷ ବୟସରୁ ହିଁ ଆରମ୍ଭ ହୋଇଯାଇଥାଏ ତ' ଆଉ କେତେକ ଆଦେଶାବଳୀ ଏପରି ହୋଇଥାଏ ଯେ, ସେହି ଆଦେଶାବଳୀର ସମୟକାଳ 7 ବର୍ଷ ଠାରୁ ଆରମ୍ଭ କରି 12 ବର୍ଷ ପର୍ଯ୍ୟନ୍ତ ହୋଇଥାଏ ଓ ଆଉ କେତେକ ଆଦେଶାବଳୀ ଏପରି ହୋଇଥାଏ ଯେ ତା'ର ସମୟକାଳ 15 କିମ୍ବା 18 ବର୍ଷରୁ ଆରମ୍ଭ ହୋଇଥାଏ। ମୋ ନିକଟରେ ରୋଜା ରଖିବାର ବୟସ 15ରୁ 18 ବର୍ଷ ପର୍ଯ୍ୟନ୍ତ କିଶୋର ବାଳକ ଉପରେ ଲାଗୁ ହୋଇଥାଏ ଏହା ହିଁ ସାବାଳକ ଏବଂ ଉଚିତ୍ ବୟସ ଅଟେ ।"

ମୋ ନିକଟରେ ଏହି ବୟସ ପୂର୍ବରୁ ଛୋଟ ପିଲାମାନଙ୍କୁ ରୋଜା ରଖାଇବା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । କାରଣ ସେହି କାଳଟି ସେମାନଙ୍କ ନିମନ୍ତେ ଏପରି ହୋଇଥାଏ ଯେ, ତହିଁରେ ଅର୍ଥାତ୍ ସେହି ବୟସରେ ସେମାନେ ଶକ୍ତି ଓ ବଳ ଆହରଣ କରିଥାଆନ୍ତ । ସେମାନଙ୍କ ଶାରୀରୀକ ଓ ବୌଦ୍ଧିକ ବିକାଶର ସମୟ ହୋଇଥାଏ । ଅତଏବ୍ ଯେଉଁ କାଳରେ ସେମାନେ ବଳ ଓ ଶକ୍ତି ଏକତ୍ରିତ କରିଥାଆନ୍ତି ସେହି ସମୟରେ ସେମାନଙ୍କର ଶକ୍ତିକୁ ଚାପିଦେବା ଏବଂ ବୃଦ୍ଧି ତଥା ବିକାଶ ନ ହେବାକୁ ଦେବା ଇତ୍ୟାଦି ପ୍ରସଙ୍ଗ ସେମାନଙ୍କ ନିମନ୍ତେ ଅତ୍ୟନ୍ତ କ୍ଷତିକାରକ ଅଟେ । ତେଲ ଇଞ୍ଜିନ କିମ୍ବା ଅନ୍ୟ ଇଞ୍ଜିଗୁଡ଼ିକରେ ଅତିରିକ୍ତ ବାଷ୍ପ ଛଡ଼ାଯାଇଥାଏ । ଏହା କେବେ ବି କରାଯାଇ ନଥାଏ ଯେ, ଯେପର୍ଯ୍ୟନ୍ତ ଇଞ୍ଜିନ୍‌ରେ ବାଷ୍ପ ସଠିକ୍ ମାତ୍ରରେ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ଇଞ୍ଜିନ୍ ବାଷ୍ପକୁ ବାହାରକୁ ବାହାରିବାକୁ ଦେଇ ନଥାଏ । ସେହିପରି ନଦୀରେ ବନ୍ଧ ସୃଷ୍ଟି କରାଇ କେନାଲ୍ ଯୋଗେ ପାଣିର ଦିଗ ପରିବର୍ତ୍ତନ କରାଯାଇଥାଏ । ଅର୍ଥାତ୍ ନଦୀରେ ଯେତେବେଳେ ଅଧିକ ଜଳ ଆସିଥାଏ ସେତେବେଳେ ସେହି ନଦୀବନ୍ଧ ମାଧ୍ୟମରେ ଜଳକୁ ନିୟନ୍ତ୍ରଣ କରାଯାଇଥାଏ ଓ ଜଳକୁ ଗଚ୍ଛିତ ରଖି ଜଳକୁ କୃଷି ତଥା ଅନ୍ୟ କାର୍ଯ୍ୟରେ ବିନିଯୋଗ କରାଯାଇଥାଏ । କିନ୍ତୁ ନଦୀରେ ଯଦି ଜଳ ଯଥେଷ୍ଟ ପରିମାଣର ନଥାଏ ତେବେ ତହିଁରୁ (ନଦୀବନ୍ଧରୁ) ଜଳ ନିଷ୍କାସନ କରାଯାଇ ନଥାଏ । ସୁତରାଂ ଯେଉଁ ବୟସରେ ବାଳକଟି ଶକ୍ତି ସଞ୍ଚୟ କରିଥାଏ ବା ଶକ୍ତି ସୃଷ୍ଟି କରିଥାଏ ସେହି ବୟସରେ ତାକୁ ରୋଜା ରଖାଇବା ଉଚିତ୍ ନୁହଁ । ଯେପର୍ଯ୍ୟନ୍ତ ବାଳକଟିର ବୟସ 15 ବର୍ଷ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତାକୁ ରୋଜା ରଖାଇବା ଉଚିତ୍ ହେବ ନାହିଁ । ତେଣୁ ଆପଣମାନେ ବାଳକକୁ ରୋଜା ରଖାନ୍ତୁ ନାହିଁ । ବରଂ ଏହି ଉଦ୍ୟମ କରନ୍ତୁ ଯେ, ସେମାନେ ଅର୍ଥାତ୍ ବାଳକମାନେ ଯେପରି ଏହି ବୟସରେ ରୋଜା ନରଖନ୍ତୁ । କାରଣ ପିଲାମାନଙ୍କୁ ସ୍ୱୟଂ ଇଚ୍ଛା ହୋଇଥାଏ ଯେ, ସେମାନେ ରୋଜା ରଖିବେ ।

ହୁଜୁର୍ ର.ଅ (ହ. ମୁସ୍‌ଲେହ୍ ମଉଦ୍ ର.ଅ) ଅତିରିକ୍ତ କୁହନ୍ତି: "ବାର ବର୍ଷରୁ କମ୍ ବୟସର ପିଲାମାନଙ୍କୁ ରୋଜା ରଖାଇବା ମୋ ନିକଟରେ ଅପରାଧ ଅଟେ । 12 ବର୍ଷ ବୟସରୁ 15 ବର୍ଷ ବୟସର ପିଲାମାନଙ୍କୁ ଯଦି କେହି ରୋଜା ରଖାନ୍ତି ତେବେ ସେମାନେ ଭୁଲ୍ କରୁଛନ୍ତି । 15 ବର୍ଷ ବୟସରୁ ରୋଜା ରଖିବାର ଅଭ୍ୟାସ ପକାଇବା ଉଚିତ୍ ଏବଂ 18 ବର୍ଷ ବୟସରେ ରୋଜା ଅନିର୍ବାର୍ଯ୍ୟ ବୋଲି ମନେକରିବା ଉଚିତ୍....... ଏହିପରି କ୍ରମାନୁଯାୟୀ ସେମାନଙ୍କୁ ରୋଜା ରଖାଇବାର ଅଭ୍ୟାସ ପକାଇବା ଉଚିତ୍।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-88-89, ଖୁତବା ଜୁମା ପ୍ରଦତ୍ତ-1925 ମସିହା ଏପ୍ରିଲ୍ ମାସ 13 ତାରିଖ)**

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଏହି ଆଦେଶାବଳୀ ଇସ୍‌ଲାମ୍ ଧର୍ମର ସେହି ସୁନ୍ଦର ଶିକ୍ଷାକୁ ଉଜାଗର ତଥା ଅନନ୍ୟ କରିଥାଏ ଯେ, ଉପାସନାରେ ମଧ୍ୟ ସାମ୍ୟତା, ତାତ୍ତ୍ୱିକତା ଓ କ୍ରମିକତାକୁ ଧ୍ୟାନ ରଖିବା ଉଚିତ୍ । ଇସ୍‌ଲାମ୍ ଧର୍ମ ତ' ନା ଅନାବଶ୍ୟକ କ୍ରୂରତା ତଥା କଠୋରତାର ଶିକ୍ଷା ଦେଇଥାଏ ଓ ନା ହିଁ ଅବହେଳା ତଥା ଆଳସ୍ୟତାର ଅନୁମତି ପ୍ରଦାନ କିରଥାଏ । ବରଂ ପ୍ରତ୍ୟେକ ବସ୍ତୁକୁ ଉଚିତ୍ ସମୟ ଏବଂ ଉଚିତ୍ ଅବସ୍ଥା ମୁତାବକ ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥାଏ । ସେହିପରି ପବିତ୍ର କୁରଆନ୍ କରୀମ୍ ରୋଗ ସଂକ୍ରାନ୍ତରେ ମଧ୍ୟ ସ୍ପଷ୍ଟ ରିହାତି (ସ୍ୱାଧୀନତା) ଦେଇଥାଏ। କିନ୍ତୁ ତତ୍‌ସହିତ ମନୁଷ୍ୟର ସ୍ୱଭାବିକ ଦୁର୍ବଳତା ଏବଂ ଆଳ ଖୋଜିବା ଆଡ଼କୁ ଇଙ୍ଗିତ କରି କୁହେ إِنَّ الْإِنسَانَ خُلِقَ هَلُوعًا **(ଅଲ୍ ମାଆରିଜ୍; 20)** ଅର୍ଥାତ୍ ମନୁଷ୍ୟ ସ୍ୱଭାବରେ କୃପଣତା ଭାବ ଭର୍ତ୍ତି ହୋଇରହିଛି । ମନୁଷ୍ୟ ଧୈର୍ଯ୍ୟହରା ଏବଂ ଦୁର୍ବଳ ସୃଷ୍ଟି ହୋଇଛି।

ଏହା ହିଁ ସେହି ପକ୍ଷ ଯାହାର ସୁନ୍ଦର ସ୍ପଷ୍ଟୀକରଣ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ପ୍ରଦାନ କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି: "ପବିତ୍ର କୁରଆନ୍ କରୀମ୍‌ର ସ୍ପଷ୍ଟ ଆଦେଶ ରହିଛି ଯେ, ଯଦି ରମ୍‌ଜାନ୍ ମାସରେ କେହି ରୋଗାଗ୍ରସ୍ତ ବା ଅସୁସ୍ଥ ଥାଏ ତେବେ ସେ ରୋଜା ନରଖୁ । ରୋଗୀ ସନ୍ଦେହରେ ରୋଗୀ ହୋଇଯିବା ଏବଂ ରୋଜା ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ ଅପରାଧ ଅଟେ । ଏପରି କରିବା ଭୁଲ୍ କାର୍ଯ୍ୟ ଅଟେ । କାରଣ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ଆଳ ଖୋଜି ଥାଆନ୍ତି......ଈଶ୍ୱର ବ୍ୟକ୍ତିର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଜାଣନ୍ତି ଓ ଅବଗତ ଅଟନ୍ତି.......। ତେଣୁ ଯେଉଁ ବ୍ୟକ୍ତି ସତ୍ୟତା ଏବଂ ନିଷ୍ଠାର ସହିତ ରୋଜା ରଖିଥାଏ ତା' ପ୍ରତି ଅଲ୍ଲାଃତାଲା ସତ୍ୟନିଷ୍ଠମୂଳକ ଆଚରଣ ପ୍ରଦର୍ଶନ କରିଥାଆନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ବାହାନା କରିଥାଏ ତା' ପ୍ରତି ଅଲ୍ଲାଃତାଲା ସେହିପରି ଅର୍ଥାତ୍ ବାହାନାମୂଳକ ଆଚରଣ ପ୍ରଦର୍ଶନ **(ଅବଶିଷ୍ଟାଂଶ......ପୃ-11ରେ)**

## (ଖୁତ୍‌ବା ଜୁମା)

"ଆଁହଜରତ୍ ସ.ଅଙ୍କୁ ଈଶ୍ୱର ଶେଷ ସମୟରେ ବିକଳ୍ପ ଚୟନ କରିବାର ସାମର୍ଥ୍ୟ ପ୍ରଦାନ କରିଥିଲେ । ଅର୍ଥାତ୍ ଅଲ୍ଲାଃତାଲା କହିଲେ, ହେ ମୁହମ୍ମଦ୍ ! ତୁମେ ଯଦି ଚାହୁଁଛ ତେବେ ତୁମ୍ଭେ ସଂସାରରେ ରହିପାର, ଆଉ ଯଦି ତୁମେ ମୋ ଆଡ଼କୁ ଆସିବାକୁ ଚାହୁଁଛ ତେବେ ତୁମେ ମୋ ଆଡ଼କୁ ଆସିଯାଅ । ଆପଣ ସ.ଅ କହିଲେ, ହେ ମୋର ପାଳନକର୍ତ୍ତା ! ମୁଁ ଏହା ଚାହୁଁଛି ଯେ, ମୁଁ ତୁମ୍ଭ ଆଡ଼କୁ ଯିବି (ଅର୍ଥାତ୍ ମୁଁ ତୁମ୍ଭ ଆଡ଼କୁ ଯିବାକୁ ଚାହୁଁଛି) । ଯେଉଁ ଶେଷ ବାଣୀ ଉଚ୍ଚାରିତ କରି ଆପଣ ସ.ଅଙ୍କ ପବିତ୍ର ପ୍ରାଣବାୟୁ ଉଡ଼ି ଯାଇଥିଲା, ତାହା ଏହା ଥିଲା ଯେ, بِالرَّفِيقِ الْأَعْلَى ଅର୍ଥାତ୍ ବର୍ତ୍ତମାନ ମୁଁ ଆଉ ଏହି ସ୍ଥାନ (ଏହି ସଂସାରରେ) ରହିବାକୁ ଚାହୁଁ ନାହିଁ । ମୁଁ ନିଜ ପରମେଶ୍ୱରଙ୍କ ପାଖକୁ ଯିବାକୁ ଚାହୁଁଛି ।" (ହଜରତ୍ ମସିହ୍ ମଉଦ୍[ଅ.ସ])

ଆଁହଜରତ୍ ସ.ଅଙ୍କ ଈଶ୍ୱର ପ୍ରେମର ଅସଂଖ୍ୟ ଘଟଣାବଳୀ ରହିଛି । କେବଳ ସେତିକି ନୁହେଁ ବରଂ ଆପଣ ସ.ଅଙ୍କର ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ ଘଟଣା ଉକ୍ତ କଥାର ପରିଣାମ ଯେ, ଆପଣ ସ.ଅଙ୍କ ମନରେ ପ୍ରତ୍ୟେକ ସମୟ ଈଶ୍ୱର ପ୍ରେମର ଏକ ସମୁଦ୍ରର ଲହରୀ ତରଙ୍ଗାୟିତ ହେଉଥିଲା । ଆପଣ ସ.ଅଙ୍କ ଏପରି କୌଣସି ଅବସରକୁ ହାତ ଛଡ଼ା କରୁ ନଥିଲେ ଯହିଁରେ ଈଶ୍ୱରଙ୍କ ଏକେଶ୍ୱରବାଦର ଚର୍ଚ୍ଚା ହେଉ ନଥିଲା ଏବଂ ଆପଣ ସ.ଅଙ୍କ ପ୍ରତ୍ୟେକ ଶବ୍ଦରୁ ଅଲ୍ଲାଃତାଲାଙ୍କର ପ୍ରେମଭାବ ପରିପ୍ରକାଶିତ ହେଉଥିଲା । ପ୍ରତ୍ୟେକ ଅବସରରେ ଯେତେବେଳେ ଆପଣ ସ.ଅ କୌଣସି ଶବ୍ଦ ଉଚ୍ଚାରଣ କରୁଥିଲେ ସେତେବେଳେ ପ୍ରତ୍ୟେକ ଶବ୍ଦରୁ ଏହା ପ୍ରକାଶିତ ହେଉଥିଲା ଯେ, ଅଲ୍ଲାଃତାଲାଙ୍କ ପ୍ରେମ ଆପଣ ସ.ଅଙ୍କ ମନରେ ଠୁଳ (ଭର୍ତ୍ତି) ହୋଇ ରହିଛି । କେବଳ ସେତିକି ନୁହେଁ ବରଂ ପ୍ରେମ ଦ୍ୱାରା ଆପଣ ସ.ଅଙ୍କ ହୃଦୟ ପରିପୂର୍ଣ୍ଣ ଅଟେ । ଏତଦ୍‌ଭିନ୍ନ ଆପଣ ସ.ଅଙ୍କ ମନରେ ଆଉ କିଛି ବି ନାହିଁ ।

ଆଲ୍ଲାଃତାଲା ଆପଣ ସ.ଅଙ୍କୁ କହିଲେ, ହେ ମୁହମ୍ମଦ ସ.ଅ ! ତୁମ୍ଭେ ଯେପରି ଏକେଶ୍ୱରବାଦର ପୂର୍ଣ୍ଣ ଅବବୋଧ ରଖିଛ ସେହିପରି ଅବବୋଧ ତୁମ୍ଭେ ନିଜର ଅନୁଗାମୀ ତଥା ଆଜ୍ଞାବହତ୍ୱକାରୀମାନଙ୍କୁ ମଧ୍ୟ କହିଦିଅ । କାରଣ କିପରି ପ୍ରତ୍ୟେକ ସୂକ୍ଷ୍ମ ପ୍ରସଙ୍ଗରେ ସେମାନଙ୍କୁ ଈଶ୍ୱରଙ୍କ ଏକେଶ୍ୱରବାଦ ଏବଂ ତାହାଙ୍କ ପ୍ରେମର ପରିପ୍ରକାଶ କରିବା ଉଚିତ୍ । ତେଣୁ ହୃଦୟର ଅତଳ ଗହ୍ୱରରୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ଉଚିତ୍ ।

ପରବର୍ତ୍ତୀ କାଳରେ କୌଣସି ମାଧ୍ୟମ ଏପରି କାମ ଦେବ ନାହିଁ । ଅଲ୍ଲାଃତାଲାଙ୍କ କୃପା ହିଁ କାମ ଦେବ । ଆଁହଜରତ୍ ସ.ଅଙ୍କ ସୁନ୍ନତ୍ (ପ୍ରଥାସିଦ୍ଧ ପରମ୍ପରା) ଏବଂ ତାହାଙ୍କ ଆଜ୍ଞାବହତ୍ୱ ତଥା ଆଜ୍ଞାପାଳନ ହିଁ ପ୍ରକୃତ ଅର୍ଥରେ କାମ ଦେବ ଓ ଉପାଦେୟ ସାବ୍ୟସ୍ତ ହେବ । ଏହି ପ୍ରସଙ୍ଗକୁ ଅଲ୍ଲାଃତାଲା ସ୍ୱୟଂ ପସନ୍ଦ କରିଛନ୍ତି । କାରଣ ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମରେ କୁହନ୍ତି ଯେ, فَاتَّبِعُونِي يُحْبِبْكُمُ اللَّهُ (ଆଲେ ଇମ୍ରାନ୍: 32) ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ତୁମ୍ଭେ ଏହି ଘୋଷଣା କରିଦିଅ ଯେ, ହେ ଲୋକମାନେ ! ତୁମ୍ଭେ ଆମ୍ଭଙ୍କୁ (ଆଁହଜରତ୍ ସ.ଅଙ୍କୁ) ଅନୁସରଣ କର, ତାହାହେଲେ ଅଲ୍ଲାଃତାଲା ତୁମ୍ଭଙ୍କୁ ପ୍ରେମ କରିବେ ।

ଆଁହଜରତ୍ ସ.ଅ ନିଜର ଉଦାହରଣ ସ୍ଥାପିତ କରି ଆମମାନଙ୍କୁ ଏପରି ଏକ ମାର୍ଗ ଦେଖାଇଛନ୍ତି ଯେ, ଈଶ୍ୱର ପ୍ରେମର ମଧ୍ୟ ସୀମା ସରହଦ୍ ରହିଛି ଏବଂ ନିଜ କାମନା ଓ ଅଭିଳାଷାର ପରିପ୍ରକାଶର ମଧ୍ୟ ସୀମା, ସରହଦ୍ ରହିଛି ଓ ବଳିଦାନର ମଧ୍ୟ ଏକ ସୀମା ରହିଛି । କିନ୍ତୁ ତତ୍‌ସହିତ ବୁଦ୍ଧି ଏବଂ ମଧ୍ୟବର୍ତ୍ତୀ ମାର୍ଗ ମଧ୍ୟ ରହିଛି । ତାହା ପୁଣି ଏଇଥି ପାଇଁ ଯେ, ଅଲ୍ଲାଃତାଲାଙ୍କର ହିଁ ଆଦେଶ ରହିଛି ଯେ, ଏହି ଆଦଶକୁ ପାଳନ କର ଏବଂ ଅବଲମ୍ବନ କର ।

### ରସୁଲ୍ କରୀମ୍ ସ.ଅ ପ୍ରତ୍ୟେକ ଅବସ୍ଥାରେ ଈଶ୍ୱର ଚର୍ଚ୍ଚା କରୁଥିଲେ ।

ଆଁହଜରତ୍ ସ.ଅ ଯେତେବେଳେ କୌଣସି ଆନନ୍ଦ, କୌଣସି ପ୍ରସନ୍ନତାମୂଳକ କଥାର ସମ୍ମୁଖୀନ ହେଉଥିଲେ କିମ୍ବା ଆପଣ ସ.ଅଙ୍କୁ କୌଣସି ଶୁଭ ସମାଚାର ଶୁଣାଇ ଦିଆଯାଉଥିଲା ସେତେବେଳେ ଆପଣ ସ.ଅ ତୁରନ୍ତ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ସିଜ୍‌ଦାରେ ପଡ଼ି ଯାଉଥିଲେ ।

ସକାଳ ନମାଜ୍ ଠାରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରୁଥିବା ବ୍ୟକ୍ତିମାନଙ୍କ ସହିତ ବସିବା ମୋତେ ଇସମାଇଲ୍ ଅ.ସଙ୍କ ସନ୍ତାନମାନଙ୍କ ଅପେକ୍ଷା 4 ଜଣ ଦାସ ମୁକ୍ତର କରିବା ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ ।
ସେହିପରି ପ୍ରତ୍ୟେକ ଅସର୍ ନମାଜ୍ ଠାରୁ ଆରମ୍ଭ କରି ସୂର୍ଯ୍ୟ ଅସ୍ତ ହେବା ପର୍ଯ୍ୟନ୍ତ ଆପଣ ସ.ଅ ଈଶ୍ୱର ଚର୍ଚ୍ଚାକାରୀମାନଙ୍କ ସହିତ ବସିବା ମୋତେ 4ଟି ଦାସ ମୁକ୍ତ କରିବା ଅପେକ୍ଷା ଅଧିକ ପ୍ରିୟ ଓ ଶ୍ରେୟସ୍କର ଅଟେ । (ହଦିସେ ନବ୍ୱୀ ସ.ଅ) ।

ଅଲ୍ଲାଃ ! ଅଲ୍ଲାଃ ! ଈଶ୍ୱର ପ୍ରେମର କି ମର୍ଯ୍ୟାଦା ଯେ, ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କଲେ ଓ ସ୍ୱୟଂ ନିଜ ମଧ୍ୟରେ ଏହି ମର୍ଯ୍ୟାଦା ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ସାରିଛି । ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଥିବା ଯୋଗୁଁ ସର୍ବଦା ଈଶ୍ୱର ଚର୍ଚ୍ଚା ଆପଣ ସ.ଅଙ୍କ ସବୁଠୁ ପ୍ରିୟ ଚର୍ଚ୍ଚା ଥିଲା

ଏହା ସେହି ଈଶ୍ୱର ପ୍ରେମର ଉତ୍ସାହ ଥିଲା କି ଜୀବନରେ ଶେଷ ମୁହୂର୍ତ୍ତରେ ମଧ୍ୟ ଆପଣ ସ.ଅଙ୍କ ପବିତ୍ର ତୁଣ୍ଡରୁ ସେହି ପରମେଶ୍ୱରଙ୍କ ପ୍ରକୃତ ନାମ ଉଚ୍ଚାରିତ ହେଉଥିଲା । ଆପଣ ସ.ଅ ଯେଉଁ ଶେଷ ବାକ୍ୟ ନିଜ ତୁଣ୍ଡରୁ ଉଚ୍ଚାରିତ କରିଥିଲେ ତାହା ଏହା ଥିଲା ଯେ, اَللّٰهُمَّ الرَّفِيقَ الْأَعْلَى

### ଆଁହଜରତ୍ ସ.ଅଙ୍କ ଈଶ୍ୱର ଉପାସନାର ହୃଦୟାସୀନ ଏବଂ ମନମୁଗ୍ଧକର ଚର୍ଚ୍ଚା

**30 Janury 2026 ମସିହା ଅନୁଯାୟୀ ୩୦ ସୁଲାହ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ. أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ. بِسْمِ اللّٰهِ الرَّحْمٰنِ الرَّحِيمِ. اَلْحَمْدُ لِلّٰهِ رَبِّ الْعَالَمِينَ. اَلرَّحْمٰنِ الرَّحِيمِ. مٰلِكِ يَوْمِ الدِّينِ. اِيَّاكَ نَعْبُدُ وَاِيَّاكَ نَسْتَعِينُ. اِهْدِنَا الصِّرَاطَ الْمُسْتَقِيمَ. صِرَاطَ الَّذِينَ اَنْعَمْتَ عَلَيْهِمْ. غَيْرِ الْمَغْضُوبِ عَلَيْهِمْ وَلَا الضَّآلِّينَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ୍ ସ.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଓ ଆପଣ ସ.ଅଙ୍କ ଈଶ୍ୱର ପ୍ରେମ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ମୁଁ ଆଜି ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଆଁହଜରତ୍ ସ.ଅଙ୍କ ଈଶ୍ୱର ପ୍ରେମର ଅସଂଖ୍ୟ ଘଟଣାବଳୀ ରହିଛି । କେବଳ ସେତିକି ନୁହେଁ ବରଂ ଆପଣ ସ.ଅଙ୍କର ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ ଘଟଣା ଉକ୍ତ କଥାର ପରିଣାମ ଏବଂ ସାକ୍ଷ୍ୟ ଯେ, ଆପଣ ସ.ଅଙ୍କ ମନରେ ପ୍ରତ୍ୟେକ ସମୟ ଈଶ୍ୱର ପ୍ରେମର ଏକ ସମୁଦ୍ରର ଲହରୀ ତରଙ୍ଗାୟିତ ହେଉଥିଲା । ଏହାର ଏକ ଦୃଶ୍ୟ ଆମମାନଙ୍କୁ ଓହୋଦ୍ ଯୁଦ୍ଧରେ ମଧ୍ୟ ଦୃଶ୍ୟମାନେ ହୋଇଥାଏ । ଏହି ଯୁଦ୍ଧରେ ଆପଣ ସ.ଅଙ୍କ ଈଶ୍ୱର ପ୍ରେମରେ ଥିବା ବ୍ୟାକୁଳତା ଏବଂ ଉତ୍କଣ୍ଠାର ଏକ ବିଚିତ୍ର ଦୃଶ୍ୟ ଓ ଢଙ୍ଗ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ଆମେ ଅବିଶ୍ୱାସକାରୀମାନଙ୍କ ସହିତ ମୁହାଁମୁହିଁ ହୋଇଥିଲୁ । ନବୀ କରୀମ୍ ସ.ଅ ଧନୁର୍ଦ୍ଧରମାନଙ୍କର ଏକ ସୈନ୍ୟ

ଟୁକୁଡ଼ି ଗଠନ କଲେ ଏବଂ ହ. ଅବ୍ଦୁଲ୍ଲାଃ ର.ଅଙ୍କୁ ସେହି ସୈନ୍ୟବାହିନୀର ସେନାପତି କଲେ ଓ ତାଗିଦ୍ କଲେ ଯେ, ତୁମେମାନେ ନିଜ ସ୍ଥାନରୁ ହଟିବ ନାହିଁ । ଯଦି ତୁମେମାନେ ଏହା ଦେଖ ଯେ, ଆମେମାନେ ଜୟଯୁକ୍ତ ହୋଇଯାଇଛୁ ତେବେ ତୁମେମାନେ ନିଜ ସ୍ଥାନରୁ ହଟିବ ନାହିଁ । ସେହିପରି ଯଦି ତୁମେମାନେ ଏହା ଦେଖ ଯେ, ଆମେମାନେ ପରାଜିତ ହୋଇଯାଇଛୁ ଓ ଶତ୍ରୁବାହିନୀ ଆମମାନଙ୍କୁ ପରାସ୍ତ କରି ଆମ ଉପରେ ବିଜୟ ଲାଭ କରିନେଇଛି ସେକ୍ଷେତ୍ରରେ ମଧ୍ୟ ତୁମେମାନେ ପଛଘୁଞ୍ଚା ଦେବ ନାହିଁ ତଥା ଆମମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆଗେଇ ଆସିବ ନାହିଁ। ଅର୍ଥାତ୍ ବିଜୟ ଏବଂ ପରାଜୟ ଉଭୟ ସ୍ଥିତିରେ ମଧ୍ୟ ତୁମେମାନେ ନିଜର ସ୍ଥାନ ପରିତ୍ୟାଗ (ଛାଡ଼ିବ) କରିବ ନାହିଁ । ଏଠାରେ ଘଟଣାର ଯେଉଁ ଚରମ ସୀମା ରହିଛି ତହିଁରେ ଏହା ଦୃଶ୍ୟମାନ ହୋଇଥାଏ ଯେ, ଆପଣ ସ.ଅଙ୍କ ମଧ୍ୟରେ ଈଶ୍ୱର ପ୍ରେମ ନିମନ୍ତେ କିପରି ଉତ୍ସାହ ରହିଥିଲା ? ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆମମାନଙ୍କର ମୁକାବିଲା ହେଲା ସେତେବେଳେ ଶତ୍ରୁ ପଳାୟନ କଲା । ଏପର୍ଯ୍ୟନ୍ତକି ମୁଁ ଅବିଶ୍ୱାସକାରୀ ମହିଳାମାନଙ୍କୁ ଦେଖିଲି ଯେ, ସେମାନେ ପର୍ବତ ଅଭିମୁଖେ ପଳାୟନ କରୁଥିଲେ । ସେମାନେ ନିଜ ଗୋଇଠିରୁ କପଡ଼ା ଟେକି ଦେଇଥିଲେ ଏବଂ ସେମାନଙ୍କର ପାଉଞ୍ଜି ଦୃଶ୍ୟମାନ (ଦେଖା ଯାଉଥିଲା) ହେଉଥିଲା। ମୁସଲମାନମାନେ ଏହା କହିବା ଆରମ୍ଭ କରିଦେଲେ ଯେ, ମାଲେ ଗନିମତ୍, ମାଲେ ଗନିମତ୍ । ହ. ଅବ୍ଦୁଲ୍ଲାଃ ର.ଅ ସେମାନଙ୍କୁ ଅଟକାଇଲେ । ଅର୍ଥାତ୍ ତାଙ୍କ ସହିତ ଯେଉଁ ସୈନ୍ୟଦଳ ରହିଥିଲା ତାକୁ ସେ ଅଟକାଇଲେ ଏବଂ କହିଲେ, ହେ ସୈନ୍ୟଦଳ! ନବୀ କରୀମ୍ ସ.ଅ ମୋତେ ତାଗିଦ୍ କରିଛନ୍ତି ଯେ, ତୁମେମାନେ ଏହି ସ୍ଥାନରୁ ହଟିବ ନାହିଁ। କିନ୍ତୁ ସେମାନେ ହ. ଅବ୍ଦୁଲ୍ଲାଃ ର.ଅଙ୍କ କଥା ଓ ଆଁହଜରତ୍ ସ.ଅଙ୍କ ଆଦେଶ ପାଳନ କଲେ ନାହିଁ । ଯେତେବେଳେ ସେମାନେ ସେହି ଖାଲି ଫାଟକ ଥିବା ସ୍ଥାନଟିକୁ ଛାଡ଼ି ଦେଇ ମାଲେ ଗନିମତ୍ ଆଡ଼କୁ ଆସିଲେ ସେତେବେଳେ ଅଲ୍ଲାଃତାଲା ମଧ୍ୟ ସେହି ମୁସଲମାନମାନଙ୍କ ଠାରୁ ମୁହଁ ମୋଡ଼ିନେଲେ । ଯୁଦ୍ଧର ପଟ୍ଟ ପରିବର୍ତ୍ତନ ହେଲା ଏବଂ ଶତ୍ରୁ ପକ୍ଷ ପୁନଃ ଆକ୍ରମଣ କରିଦେଲା । ଯଦ୍ଦ୍ୱାରାକି 70 ଜଣ ମୁସଲମାନମାନେ ଶହୀଦ୍ ହୋଇଗଲେ । କୁହନ୍ତି ଯେ, ସେହି ସମୟରେ ନବୀ କରୀମ୍ ସ.ଅ ନିଜର ସାଥିମାନଙ୍କ ସହିତ ପର୍ବତ ମଧ୍ୟରେ ଆଶ୍ରୟ ନେଇଥିଲେ କି ଅବୁ ସୁଫିୟାନ୍ ଏକ ଉଚ୍ଚ ସ୍ଥାନରୁ ଚଢି ଡାକ ମାରିଲା ଯେ, କ'ଣ ଲୋକମାନଙ୍କ ମଧ୍ୟରେ ମୁହମ୍ମଦ୍ ଅଛନ୍ତି କି? ଆପଣ ସ.ଅ କହିଲେ, ହେ ସାହାବାମାନେ ଅବୁ ସୁଫିୟାନ୍‌କୁ କେହି ବି ଉତ୍ତର ଦିଅ ନାହିଁ । ସେ ପୁନଶ୍ଚ କହିଲେ, ଯେ, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଇବ୍‌ନେ କାହାଫା ଅଛନ୍ତି କି ? ଅର୍ଥାତ୍ ଜିବୀତ ଅଛନ୍ତି କି ? ଆପଣ ସ.ଅ କହିଲେ, ହେ ସାହାବାମାନେ ଅବୁ ସୁଫିୟାନ୍ କଥାର କେହି ବି ଉତ୍ତର ଦିଅ ନାହିଁ । ପୁନଶ୍ଚ ଅବୁ ସୁଫିୟାନ୍ କହିଲା, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଇବ୍‌ନେ ଖତ୍ତାବ୍ ଜୀବିତ ଅଛନ୍ତି କି? ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ଅବୁ ସୁଫିୟାନ୍ କଥାର କେହି ବି ଉତ୍ତର ଦିଅ ନାହିଁ । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ କହିଲା, ହେ କୁରୈଶ୍ ! ଏହି ସମସ୍ତ ଲୋକମାନେ ନିହତ ହୋଇଛନ୍ତି । ଯଦି ଏମାନେ ଜୀବିତ ଥାଆନ୍ତେ ତେବେ ଏମାନେ ଅବଶ୍ୟ ଉତ୍ତର ଦେଇଥାଆନ୍ତେ । ହ. ଉମର୍ ର.ଅ ନିଜ ଉପରେ ନିୟନ୍ତ୍ରଣ ରଖି ପାରିଲେ ନାହିଁ ଏବଂ ଡାକି କହିଲେ, ହେ ଅଲ୍ଲାଃଙ୍କ ଶତ୍ରୁ ! ତୁ ମିଛ କହୁଛୁ । ଅଲ୍ଲାଃତାଲା ତୋର ମୁକାବିଲା କରିବା ପାଇଁ ଆମକୁ ଜୀବିତ ରଖିଛନ୍ତି । ସେହି ମହାବତାର ହିଁ ତୋତେ ତିରସ୍କୃତ କରିବ ।

ଅବୁ ସୁଫିୟାନ୍ ଯେତେବେଳେ କହିଲା କି ହୁବୁଲ୍ ଦେବତାଙ୍କର ଜୟ ହେଉ । ଯେତେବେଳେ ଅବୁ ସୁଫିୟାନ୍ ଏପରି କହିଲା ସେତେବେଳେ ନବୀ କରୀମ୍ ସ.ଅ ଅଧୀର ଓ ବ୍ୟାକୁଳିତ ହୋଇ ଉଠିଲେ ଏବଂ କହିଲେ, ହେ ମୁସଲମାନମାନେ ! ତୁମେମାନେ ଅବୁ ସୁଫିୟାନ୍ କଥାର ଉତ୍ତର କାହିଁକି ଦେଉ ନାହଁ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, । اَللّٰهُ اَعْلٰى وَاَجَلّ ـ اَللّٰهُ اَعْلٰى وَاَجَلّ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅବୁ ସୁଫିୟାନ୍ କହିଲା, ହେ ମସୁଲମାନମାନେ! ଆମ ନିମନ୍ତେ ଉଜ୍ଜା ଠାକୁର ଅଛନ୍ତି ଏବଂ ତୁମ ନିମନ୍ତେ କେହି ଦେବାତା ନାହାନ୍ତି । ନବୀ କରୀମ୍ ସ.ଅ କହିଲେ, ହେ ମୁସଲମାନମାନେ ! ତୁମେମାନେ ଉତ୍ତର ଦିଅ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହି ଉତ୍ତର ଦିଅ ଯେ, ଅଲ୍ଲାଃତାଲା ହିଁ ଆମମାନଙ୍କର ସାହାଯ୍ୟକର୍ତ୍ତା ଏବଂ ତୁମମାନଙ୍କର କେହି ସାହାଯ୍ୟକର୍ତ୍ତା ନାହିଁ ।

**(ସହି ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ଗଜୱତି ୱହୋଦିନ୍, ହଦିସ୍ ନଂ-4043)**

ହୁଜୁର୍ ଅନ୍‌ୱର ଅ.ବ କହିଲେ, ଅର୍ଥାତ୍ ଯେଉଁଠି ଅଲ୍ଲାଃତାଲାଙ୍କ ମର୍ଯ୍ୟାଦାର ପ୍ରଶ୍ନ ଉଠିଲା, ଯେଉଁଠି ତାହାଙ୍କ ପ୍ରେମର ପ୍ରଶ୍ନ ଉଠିଲା ସେଠାରେ ଆପଣ ସ.ଅ ନିଜ ପ୍ରାଣ ପ୍ରତି ଭ୍ରୂକ୍ଷେପ କଲେ ନାହିଁ । ଆପଣ ସ.ଅ ତୁରନ୍ତ ସାହାବାମାନଙ୍କୁ ଆଦେଶ ଦେଲେ ଯେ, ହେ ସାହାବାମାନେ ତୁମେମାନେ ଅବୁ ସୁଫିୟାନ୍ କଥାର ଉତ୍ତର ଦିଅ । ପ୍ରଥମେ ଆପଣ ସ.ଅ ରହସ୍ୟ ଦୃଷ୍ଟିରୁ ଉତ୍ତର ଦେବା ପାଇଁ ଚାହୁଁ ନଥିଲେ ।

ହୁଜୁର୍ ଅନୱର ଅ.ବ କହିଲେ, ଏଥି ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଇତିହାସରୁ ଅତିରିକ୍ତ ଲେଖନୀ ଉଲ୍ଲେଖ କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ସେହି ସାହାବାମାନେ ଯେଉଁମାନେ ରସୁଲ୍ କରୀମ୍ ସ.ଅଙ୍କ ଚତୁର୍ପାର୍ଶ୍ୱରେ ଥିଲେ ଏବଂ କୁଫ୍ଫାର୍ (ଅବିଶ୍ୱାସକାରୀମାନଙ୍କ) ଭିଡ଼ ଯୋଗୁଁ ସେମାନେ ପଛକୁ ଠେଲି ହୋଇଯାଇଥିଲେ, ଅବିଶ୍ୱାସକାରୀମାନଙ୍କ ପଛକୁ ହଟିବା ମାତ୍ରେ ସେମାନେ ପୁଣିଥରେ ରସୁଲୁଲ୍ଲାଃ ସ.ଅଙ୍କ ଆଖପାଖରେ ଏକତ୍ରିତ ହୋଇଗଲେ । ଅର୍ଥାତ୍ ସାହାବାମାନେ ଏକତ୍ରିତ ହୋଇଗଲେ ଏବଂ ଆପଣ ସ.ଅଙ୍କ ପବିତ୍ର ଶରୀରକୁ ସେମାନେ ଉଠାଇଲେ। ଯେହେତୁ ଆପଣ ସ.ଅ ଅଚେତ୍ ହୋଇଯାଇଥିଲେ ସେଇଥି ପାଇଁ ସାହାବାମାନେ ଆପଣ ସ.ଅଙ୍କୁ ଉଠାଇଲେ । ଉବୈଦାହ୍ ବିନ୍ ଅଲ୍ ଜର୍‌ରାହ୍ ର.ଅ ନାମକ ଜଣେ ସାହାବି ଆପଣ ସ.ଅଙ୍କ ମୁଣ୍ଡରେ ଧସି ଯାଇଥିବା ଏକ କଣ୍ଟାକୁ ନିଜ ଦାନ୍ତରେ କାଢିଲେ। ଫଳତଃ ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । କିଛି ସମୟ ପରେ ରସୁଲୁଲ୍ଲାଃ ସ.ଅଙ୍କ ଚେତା ଫେରିଲା । ଆପଣ ସ.ଅ ଆହତ ହେବା ଯୋଗୁଁ ଅଚେତ୍ ହୋଇଯାଇଥିଲେ। ଶତ୍ରୁ ଏହି ଗୁଜବ ପ୍ରଚାରିତ କରି ଦେଇଥିଲା ଯେ, ଆଁହଜରତ୍ ସ.ଅ ନାଉଜୁବିଲ୍ଲାଃ ଶହୀଦ୍ ହୋଇଯାଇଛନ୍ତି । ତେବେ ଆଁହଜରତ୍ ସ.ଅଙ୍କ ଚେତା ଫେରିବା ପରେ ସାହାବାମାନଙ୍କ ଚତୁର୍ପାର୍ଶ୍ୱରେ ଥିବା ଯୁଦ୍ଧଭୂମିରେ ଲୋକମାନଙ୍କୁ ପଠାଇଦେଲେ ଏବଂ କହିଲେ, ହେ ଲୋକମାନେ ରସୁଲୁଲ୍ଲାଃ ସ.ଅ ଜୀବିତ ଅଛନ୍ତି । ତେଣୁ ସମସ୍ତ ଏଠାକୁ ଚାଲି ଆସନ୍ତୁ । ମୁସଲମାନମାନଙ୍କର ପଳାୟନ କରିଥିବା ସୈନ୍ୟବାହିନୀ ଏକତ୍ରିତ ହେବା ଆରମ୍ଭ ହୋଇଗଲା । ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଧରି ପର୍ବତ ମଧ୍ୟସ୍ଥ ଏକ ଗୁମ୍ଫାକୁ ଚାଲିଗଲେ । ଯେତେବେଳେ ସେହି ଗୁମ୍ଫାରେ ଅବଶିଷ୍ଟ ସୈନ୍ୟବାହିନୀ ଥିଲା ସେତେବେଳେ ଅବୁ ସୁଫିୟାନ୍ ଖୁବ୍ ଜୋର୍‌ରେ ଡାକ ମାରିଲା ଯେ, ଆମେମାନେ ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛୁ । ରସୁଲୁଲ୍ଲାଃ ସ.ଅ ଅବୁ ସୁଫିୟାନ୍‌ର କଥାର ଉତ୍ତର ଦେଲେ ନାହିଁ । କାରଣ ଏପରି ନହେଉ ଯେ, ଶତ୍ରୁ ପ୍ରକୃତାବସ୍ଥା ସହିତ ଅବଗତ ହୋଇ ପୁନଃ ଆକ୍ରମଣ କରିଦେଉ । ଶତ୍ରୁ ଏହା ମନେକରୁ ଯେ, ମୁସଲମାନମାନେ ମୃତ୍ୟୁ ବରଣ କରି ନାହାନ୍ତି ବରଂ ଆହତ ହୋଇଛନ୍ତି । ଯେହେତୁ ମୁସଲମାନମାନେ ଆହତାବସ୍ଥାରେ ଅଛନ୍ତି ସେଇଥି ପାଇଁ ସେମାନେ ପୁନର୍ବାର ଆକ୍ରମଣକୁ ସହ୍ୟ କରିପାରିବେ ନାହିଁ ଏବଂ ଆହତ ମୁସଲମାନମାନେ ପୁଣିଥରେ ଶତ୍ରୁର ଆକ୍ରମଣର ଶିକାର ହୋଇଯିବେ। ଅତଏବ୍ ଅବୁ ସୁଫିୟାନ୍‌କୁ ଇସଲାମୀୟ ସୈନ୍ୟବାହିନୀ ପକ୍ଷରୁ କୌଣସି ଉତ୍ତର ମିଳିଲା ନାହିଁ ସେତେବେଳେ ଅବୁ ସୁଫିୟାନ୍‌କୁ ଏହି ବିଶ୍ୱାସ ହୋଇଗଲା ଯେ, ତା'ର ଧାରଣା ଓ ଅନୁମାନ୍ ସଠିକ୍ ଅଟେ । ତେଣୁ ସେ ଖୁବ୍ ଜୋରରେ କହିଲା, ଆମେମାନେ ଅବୁ ବକ୍କରଙ୍କୁ ବି ମାରି ଦେଇଛୁ । ରସୁଲ୍ କରୀମ୍ ସ.ଅ ହ. ଅବୁ ବକ୍କର୍ ର.ଅଙ୍କ ଉତ୍ତର ଦେଲେ ଯେ, ସେ କୌଣସି ଉତ୍ତର ଦେବେ ନାହିଁ । ପୁନଶ୍ଚ ଅବୁ ସୁଫିୟାନ୍ ଡାକ ମାରିଲା ଯେ, ହେ ମୁସଲମାନମାନେ ଆମେମାନେ ଉମର୍ ର.ଅଙ୍କୁ ମଧ୍ୟ ମାରି ଦେଇଛୁ। ସେତେବେଳେ ହ. ଉମର୍ ର.ଅ ଯେକି ଖୁବ୍ ଉତ୍ସାହିତ ବ୍ୟକ୍ତି ଥିଲେ, ସେ ଉକ୍ତ ବ୍ୟକ୍ତିର ଉତ୍ତରରେ କିଛି କହିବାକୁ ଚାହିଁଲେ ଯେ, ଆମେମାନେ ଅଲ୍ଲାଃତାଲାଙ୍କ କୃପାରୁ ଜୀବିତ ଅଛୁ ଏବଂ ତୁମ ସହିତ ମୁକାବିଲା କରିବା ନିମନ୍ତେ ଆମେମାନେ ପ୍ରସ୍ତୁତ ଅଟୁ । କିନ୍ତୁ ରସୁଲୁଲ୍ଲାଃ ସ.ଅ ବାରଣ କରିଦେଲେ ଯେ, ହେ ଉମର୍ ! ତୁମେ ମୁସଲମାନମାନଙ୍କୁ ଆଉ କଷ୍ଟ ଓ ସମସ୍ୟାଗ୍ରସ୍ତ କର ନାହିଁ । ତୁମେ ନିରବ ରୁହ । ବର୍ତ୍ତମାନ ଦୁର୍ବଳତାର ଅବସ୍ଥା ରହିଛି । ଶତ୍ରୁ ଖାଲିଟାରେ ଆକ୍ରମଣ କରିଦେବେ ଏବଂ ଅଶେଷ କ୍ଷତି ସାଧାନ ହେବାର ଆଶଙ୍କା ରହିଛି । ବର୍ତ୍ତମାନ ଅବିଶ୍ୱାସକାରୀମାନଙ୍କୁ ଏହି ବିଶ୍ୱାସ ହୋଇଗଲା ଯେ, ସେମାନେ ଇସ୍‌ଲାମୀୟ ସଂସ୍ଥାପକଙ୍କୁ ମଧ୍ୟ ସେମାନଙ୍କର ବାମ ଓ ଡାହାଣ ବାହୁମାନଙ୍କୁ ମାରିଦେଇଛନ୍ତି । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ଓ ତା'ର ସାଥିମାନେ ଆନନ୍ଦିତ ହୋଇ ଖୁସିର ଶ୍ଳୋଗାନ୍ ଦେଲେ ଯେ, اُعْلُ هُبَل ـ اُعْلُ هُبَل ଅର୍ଥାତ୍ ଅର୍ଥାତ୍ ହୁବୁଲ୍‌ଙ୍କର ଜୟ ହେଉ, ହୁବୁଲ୍‌ଙ୍କର ଜୟ ହେଉ । ସେ ଆଜି ଇସ୍‌ଲାମ୍ ଧର୍ମର ଅନ୍ତ ଘଟାଇ ଦେଇଛନ୍ତି । ସେହି ରସୁଲ୍ କରୀମ୍ ଯିଏ ନିଜର ବିୟୋଗର ଘୋଷଣା ଶୁଣି ହ. ଅବୁ ବକ୍କର୍ ର.ଅ ଏବଂ ହ. ଉମର୍ ର.ଅଙ୍କ ବିୟୋଗର ଘୋଷଣା

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଶୁଣି ନିରବ ରହିବା ନିମନ୍ତେ ଉପଦେଶ ଦେଇଥିଲେ । କାରଣ ଏପରି ନହେଉ ଯେ, ଆହତ ମୁସଲମାନମାନଙ୍କ ଉପରେ ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀ ପୁନଃ ଆକ୍ରମଣ କରିଦେଉ ଓ ମୁଠାଏ ମୁସଲମାନମାନେ ଅବିଶ୍ୱାସକାରୀମାନଙ୍କ ହାତରୁ ଶହୀଦ୍ ହୋଇଯାଆନ୍ତୁ । ବର୍ତ୍ତମାନ ଯେହେତୁ ଏକେଶ୍ୱରରବାଦଙ୍କ ସମ୍ମାନର ପ୍ରଶ୍ନ ସୃଷ୍ଟି ହେଲା ଏବଂ ଶିର୍କର ସ୍ଲୋଗାନ ଯୁଦ୍ଧ ଭୂମିରେ ଦିଆଗଲା (ଉଚ୍ଚାରିତ ହେଲା) ତେଣୁ ଆପଣ ସ.ଅଙ୍କ ଆତ୍ମା ବ୍ୟାକୁଳିତ ହୋଇ ଉଠିଲା । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହର ସହିତ ସାହାବାମାନଙ୍କ ଆଡ଼କୁ ଚାହିଁ କହିଲେ, ହେ ସାହାବାମାନେ ! ତୁମେମାନେ ଅବୁ ସୁଫିୟାନ୍‌କୁ ଉତ୍ତର ଦେଉ ନାହିଁ କାହିଁକି ଯେ, اَللّٰهُ اَعْلٰی وَ اَجَلُّ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ଏହା କୁହ କି ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ମହିମାର ଅଧିକାରୀ ଅଟନ୍ତି । ହେ ଅବିଶ୍ୱାସକାରୀମାନେ ! ତୁମେମାନେ ମିଛ କହୁଛ ଯେ, ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଇଛି । ଏହା ଅସତ୍ୟ ଅଟେ । ଅଲ୍ଲାଃତାଲା ଯେକି ଏକ ଓ ଅଦ୍ୱିତୀୟ ଅଟନ୍ତି ସେ ହିଁ ମର୍ଯ୍ୟାଦାଶାଳୀ ଅଟନ୍ତି । ହୁବୁଲ୍ ନୁହେଁ । ଅଲ୍ଲାଃଙ୍କର ମର୍ଯ୍ୟାଦା, ମହିମା ହିଁ ସର୍ବୋଚ୍ଚ ଅଟେ । ଏହିପରି ଭାବରେ ଆପଣ ସ.ଅ ନିଜର ଜୀବିତ ହେବାର ସୂଚନା ଶତ୍ରୁ ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ ।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଏହି ସାହସିକମୂଳକ ଓ ବୀରତ୍ୱମୂଳକ ଉତ୍ତରର ପ୍ରଭାବ ଅବିଶ୍ୱାସକାରୀମାନଙ୍କ ଉପରେ ଏତେ ଗଭୀର ପଡ଼ିଲା ଯେ, ସେମାନଙ୍କର ସମସ୍ତ ଆଶା ଧୂଳିସାତ ହୋଇଗଲା । ସେହି ମୁଠାଏ ଆହତ ଛିଡ଼ା ହୋଇଥିବା ମୁସଲମାନ ସୈନ୍ୟବାହିନୀମାନଙ୍କ ଉପରେ ସେମାନଙ୍କୁ ମାରିଦେବା ବସ୍ତୁବାଦୀ ନିୟମ ଦୃଷ୍ଟିରୁ ସଂପୂର୍ଣ୍ଣ ରୂପେ ଅବିଶ୍ୱସାକାରୀଙ୍କ ପକ୍ଷେ ସମ୍ଭବପର ଥିଲା । କିନ୍ତୁ ସେମାନେ ପୁନଃ ଆକ୍ରମଣ କରିବାକୁ ଆଉ ଦୁଃସାହସ କରିପାରିଲେ ନାହିଁ । ସେମାନଙ୍କୁ ଯେତିକି ବିଜୟ ପ୍ରାପ୍ତ ହେଲା ସେ ସେମାନେ ସେତିକି ବିଜୟରେ ହିଁ ସନ୍ତୁଷ୍ଟ ଏବଂ ଆନନ୍ଦିତ ହୋଇ ମକ୍କାକୁ ଫେରିଗଲେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ଓ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-252-253)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଈଶ୍ୱର ପ୍ରେମରେ କୌଣସି ସନ୍ଦେହ ସୃଷ୍ଟି ହେବାକୁ ଦେଉ ନଥିଲେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଯାହା ଚାହିଁବେ ଓ ଅଲ୍ଲାଃତାଲା ଯାହା ଚାହିଁବେ । ତେବେ ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, ହେ ବ୍ୟକ୍ତି ! କ'ଣ ତୁମେ ମୋତେ ଅଲ୍ଲାଃତାଲାଙ୍କ ସହିତ ସମକକ୍ଷ କରିଦେଇଛ ? ନା ଏପରି କୁହ ନାହିଁ। ବରଂ ଏହା କୁହ କି ଯାହା ଏକ ଈଶ୍ୱର ଚାହିଁବେ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ କଫ୍ଫାରାତ୍, ବାବ୍- ଅନ୍ ନହ୍‌ୟୁ ଅୟଁ ୟୁକାଲା ମା ଶାଅଲ୍ଲାଃ, ଓ ଶିଇତା, ହଦିସ୍ ନଂ-2117)**

ଶିର୍କର କିଞ୍ଚିତ ଅଂଶ ମଧ୍ୟ ମନରେ ଆସିବା ଉଚିତ୍ ନୁହଁ । କେତେକ ଲୋକମାନେ ଏହି ପ୍ରକାରର କଥାବାର୍ତ୍ତା କରିଥାଆନ୍ତି ଯେ, ଅଲ୍ଲାଃତାଲା ଯଦି ଚାହାନ୍ତି ଏବଂ ଆପଣ ସ.ଅ ଯଦି ଚାହାନ୍ତି ତେବେ ସବୁ ସମ୍ଭବ ହେବ । ହଁ ! ଏହା କହିପାରିବା ଯେ, ଅଲ୍ଲାଃତାଲା ଯାହା ଚାହିଁବେ, ତାହାଙ୍କ କୃପା ଅଟେ ଓ ତାହାଙ୍କ ଆଶୀର୍ବାଦ ଯଦି ଉପରେ ହେବ ତେବେ କାର୍ଯ୍ୟ ଏବଂ ଧନ ଓ ପ୍ରାଣରେ ଅଜସ୍ର କଲ୍ୟାଣ ସୃଷ୍ଟି ହୋଇଯିବ । ଦୁଆ କରିବା ପର୍ଯ୍ୟନ୍ତ ତ' ଠିକ ଅଛି । କିନ୍ତୁ "ଆପଣ ଯଦି ଚାହିଁବେ" କଥାଟା ସଂପୂର୍ଣ୍ଣ ଭୁଲ୍ ଅଟେ । କାରଣ ଆଁହଜରତ୍ ସ.ଅ ଏହାକୁ ଦୃଢ ରୂପେ ନିନ୍ଦା କରିଛନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ସର୍ବଦା ଏଥି ନିମନ୍ତେ ଚିନ୍ତିତ ରହୁଥିଲେ ଯେ, କାଳେ ଲୋକ କବରକୁ ପୂଜା ସ୍ଥଳୀ ନକରି ଦିଅନ୍ତୁ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଏହାର ବୀପରୀତ କାର୍ଯ୍ୟାନୁସରଣ ହେଉଛି । ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ମୁଁ ପୂର୍ବେ ମଧ୍ୟ ଚର୍ଚ୍ଚା କରିଥିଲି ଯେ, ମୁସଲମାନମାନେ ପୀର, ଫକିର୍‌ମାନଙ୍କର କବରକୁ ପୂଜା କରିଥାଆନ୍ତି, ସେମାନଙ୍କ ସମ୍ମୁଖରେ ମଥା ଟେକି ଥାଆନ୍ତି ଓ ମୁଣ୍ଡିଆ ମାରନ୍ତି । କିନ୍ତୁ ଆପଣ ସ.ଅ କବରକୁ ସିଜ୍‌ଦା କରିବା ନିମନ୍ତେ ବାରଣ କରିଛନ୍ତି । ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ନିଜର ଏହି ରୋଗାବସ୍ଥାରେ କହିଲେ, ଅଲ୍ଲାଃତାଲା ଇହୁଦୀ ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ଅଭିଶାପ ପକାନ୍ତୁ । ସେମାନେ ନିଜର ଅବତାରମାନଙ୍କର କବର ସ୍ଥଳୀକୁ ମସ୍‌ଜିଦ୍ କରି ନେଇଛନ୍ତି । ହ. ଆଏଶା ର.ଅ କହିଲେ, ଯଦି ଆପଣ ସ.ଅ ଏହା ନକହି ଥାଆନ୍ତେ ତେବେ ଆପଣ ସ.ଅଙ୍କ କବର ଖୋଲା ରଖାଯାଇ ଥାଆନ୍ତା । କିନ୍ତୁ ମୁଁ ଡରୁଥିଲି ଯେ, କାଳେ କେହି ଆପଣ ସ.ଅଙ୍କ କବରକୁ ମଥା ଟେକିବାର ସ୍ଥାନ କରି ନନେଉ । ତେଣୁ ଆପଣ ସ.ଅଙ୍କ କବର ସ୍ଥଳୀକୁ ଖୋଲା ରଖାଗଲା ନାହିଁ ଯେ, କବରକୁ ଉପାସନା ସ୍ଥାନ ରୂପେ ବରଣ କରିନିଆଯିବ। **(ସହି ବୁଖାରୀ କିତାବୁଲ୍ ଯନାଇଜି, ବାବ୍- ମା ୟୁକ୍‌ରହୁ ମନିତ୍ ତିଖାଜିଲ୍ ମସାଜିଦ୍ ଅଲଲ୍ କୁବୁରି, ହଦିସ୍ ନଂ-1330)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଆଜିକାଲି ତ' ସେଠାକାରା ସରକାର ମଧ୍ୟ ଆଁହଜରତ୍ ସ.ଅଙ୍କ କବର ଆଖପାଖରେ ନିୟମିତ ରୂପେ ସୁରକ୍ଷାକର୍ମୀଙ୍କ ପ୍ରହରା ବ୍ୟବସ୍ଥା କରିଛନ୍ତି । ସେଠାରେ ଲୌହ ବାଡ଼ ରହିଛି ଏବଂ କାନ୍ଥ ରହିଛି । କାରଣ କୌଣସି ପ୍ରକାରର ଶିର୍କ ଯେପରି ସେଠାରେ ପ୍ରକାଶିତ ନହେଉ । ସେମାନେ ଅନ୍ତତଃ ଏହି କାର୍ଯ୍ୟ ଖୁବ୍ ଭଲ କରିଛନ୍ତି । କାରଣ ଏହି ଶିର୍କକୁ ଆପଣ ସ.ଅ ଅତ୍ୟଧିକ ଘୃଣା କରୁଥିଲେ । ଈଶ୍ୱରଙ୍କ ଏକେଶ୍ୱରବାଦ ସଂପର୍କରେ ଏକ ବର୍ଣ୍ଣନା ଏହିପରି ମିଳେ ଯେ, ହ. ଉବେ ବିନ୍ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅବିଶ୍ୱାସକାରୀମାନେ ରସୁଲ୍ କରୀମ୍ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ନିଜ ପାଳନକର୍ତ୍ତାଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆମମାନଙ୍କୁ ଅବଗତ କରାନ୍ତୁ । ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଏହି ଆୟତ୍ ଅବୀତର୍ଣ୍ଣ କଲେ ଯେ, قُلْ هُوَ اللّٰهُ اَحَدٌ اَللّٰهُ الصَّمَدُ ଅର୍ଥାତ୍ ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନମାନଙ୍କୁ ଆଦେଶ ଦେଇଅଛୁ ଯେ, ତୁମେ ଅନ୍ୟ ଲୋକମାନଙ୍କୁ କୁହଥାଅ ଯେ, ସେ ହିଁ ଅଲ୍ଲାଃ ଯେ କି ଏକ ଓ ଅଦ୍ୱିତୀୟ । ସେ ହିଁ ଅଲ୍ଲାଃ ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି । ସେ କାହାକୁ ପ୍ରସବ କରି ନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ । କାରଣ ଯେଉଁ ବସ୍ତୁ ବା ଜୀବ ଜନ୍ମ ଗ୍ରହଣ କରିବ ସେହି ବସ୍ତୁ ଅବଶ୍ୟ ମୃତ୍ୟୁବରଣ କରିବ ଏବଂ ଯେତେବେଳେ କୌଣସି ଜୀବ, ବସ୍ତୁ ମୃତ୍ୟୁବରଣ କରେ ସେତେବେଳେ ତା'ର ଉତ୍ତରାଧିକାରୀ ମଧ୍ୟ ହୋଇଥାଏ । କିନ୍ତୁ ଅଲ୍ଲାଃତାଲା ମୃତ୍ୟୁବରଣ କରିବେ ନାହିଁ, ତାହାଙ୍କର କେହି ଉତ୍ତରାଧିକାରୀ ହେବ ନାହିଁ ଓ ନା ହିଁ ତାହାଙ୍କର କେହି ବି ସମକକ୍ଷ ହେବ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ତାହାଙ୍କର କେହି ବି ସମକକ୍ଷ ନାହାନ୍ତି ଓ ତାହାଙ୍କ ପରି କେହି ବି ନାହାନ୍ତି । **(ସୁନନୁତ୍ ତିର୍ମିଜି, ଅବ୍‌ଓ୍ୱାବୁତ୍ ତଫ୍‌ସିରିଲ୍ କୁରଆନି ଅନ୍ ରସୁଲିଲ୍ଲାଃହିଁ ସ.ଅ, ବାବ୍- ଓମିନ୍ ସୁରତିଲ୍ ଇଖ୍‌ଲାସି, ହଦିସ୍ ନଂ-3364)**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଏପରି କୌଣସି ଅବସରକୁ ହାତ ଛଡ଼ା କରୁ ନଥିଲେ ଯହିଁରେ ଈଶ୍ୱରଙ୍କ ଏକେଶ୍ୱରବାଦର ଚର୍ଚ୍ଚା ହେଉ ନଥିଲା ଏବଂ ଆପଣ ସ.ଅଙ୍କ ପ୍ରତ୍ୟେକ ଶବ୍ଦରୁ ଅଲ୍ଲାଃତାଲାଙ୍କର ପ୍ରେମ ପରିପ୍ରକାଶିତ ହେଉଥିଲା। ପ୍ରତ୍ୟେକ ଅବସରରେ ଯେତେବେଳେ ଆପଣ ସ.ଅ କୌଣସି ଶବ୍ଦ ଉଚ୍ଚାରଣ କରୁଥିଲେ ସେତେବେଳେ ପ୍ରତ୍ୟେକ ଶବ୍ଦରୁ ଏହା ପ୍ରକାଶିତ ହେଉଥିଲା ଯେ, ଅଲ୍ଲାଃତାଲାଙ୍କ ପ୍ରେମ ଆପଣ ସ.ଅଙ୍କ ମନରେ ଠୁଳ ହୋଇ ରହିଛି । କେବଳ ସେତିକି ନୁହେଁ ବରଂ ପ୍ରେମ ଦ୍ୱାରା ଆପଣ ସ.ଅଙ୍କ ହୃଦୟ ପରିପୂର୍ଣ୍ଣ ଅଟେ । ଏତଦ୍‌ଭିନ୍ନ ଆପଣ ସ.ଅଙ୍କ ମନରେ ଆଉ କିଛି ବି ନାହିଁ ।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ହ. ଜୈଦ୍ ବିନ୍ ଖାଲିଦ୍ ଜୁହ୍‌ନୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ହୁଦୈବିୟା ନାମକ ସ୍ଥାନରେ ରାତ୍ରରେ ହେବାକୁ ଥିବା ବର୍ଷା ସରିବା ପରେ ସକାଳ ନମାଜ ପାଠ କରାଇଥିଲେ । ଯେତେବେଳେ ଆପଣ ସ.ଅ ନମାଜ ପାଠ କରି ସାରିଲେ ସେତେବେଳେ ଆପଣ ସ.ଅ ଲୋକମାନଙ୍କ ଆଡ଼କୁ ଧ୍ୟାନ କରି କହିଲେ, ହେ ଲୋକମାନେ କ'ଣ ତୁମେମାନେ ଏକଥା ଜାଣ କି ଯେ, ତୁମମାନଙ୍କର ପାଳନକର୍ତ୍ତା କ'ଣ କହିଛନ୍ତି ? ଅଲ୍ଲାଃତାଲା ଅନ୍ତର୍ଯାମୀ ଅଟନ୍ତି । ବର୍ଷାକୁ ଦେଖି ଲୋକମାନଙ୍କ ମନରେ ଏହି ଧାରଣା ଜାତ ହେବ ଯେ, ତାହା ଅଲ୍ଲାଃତାଲାଙ୍କୁ ଜ୍ଞାତ ହୋଇଗଲା ଏବଂ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ କହିଦେଲେ । ଲୋକମାନେ କହିଲେ, ଏକଥା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଭଲ ଭାବରେ ଜାଣନ୍ତି । ଆପଣ ସ.ଅ କହିଲେ, ଅଲ୍ଲାଃତାଲା କୁହନ୍ତି ମୋର ଭକ୍ତମାନଙ୍କ ମଧ୍ୟରେ କେତେକ ଭକ୍ତ ଏହି ଅବସ୍ଥାରେ ସକାଳ କଲେ ଯେ, ସେମାନେ ମୋ ଉପରେ ବିଶ୍ୱାସ ଆଣିଥାଆନ୍ତେ ଏବଂ କେତେକ ବ୍ୟକ୍ତିମାନେ ଅସ୍ୱୀକାର କରିଥାଆନ୍ତି । ଅର୍ଥାତ୍ ଲୋକମାନଙ୍କ ମଧ୍ୟରେ କେତେକ ଲୋକ ଏପରି ଥିଲେ ଯେଉଁମାନେ ରାତ୍ର ସମୟର ବର୍ଷାକୁ ଦେଖି ଏପରି ସକାଳ କଲେ ଯେ, ସେମାନଙ୍କ ମଧ୍ୟରୁ କେତେକ ଲୋକମାନେ ବିଶ୍ୱାସ ଆଣିଥାଆନ୍ତେ ଓ ଆଉ କେତେକ ଲୋକ ଅସ୍ୱୀକାର କରିଥାଆନ୍ତେ । ତେଣୁ ଯେଉଁ ବ୍ୟକ୍ତି ଏହା କହିଲା କି ଅଲ୍ଲାଃତାଲାଙ୍କ କୃପା ବୃଷ୍ଟି ହୋଇଛି ତେବେ ସେମାନେ ବିଶ୍ୱାସକାରୀ ଅଟନ୍ତି । ଯେପରି ମୁଁ କହିଲି ଏବଂ ତାରକାମାନଙ୍କର ପ୍ରତ୍ୟାଖ୍ୟାନକାରୀ ଅଟନ୍ତି । ସାଂପ୍ରତିକ ଯୁଗରେ ତାରକାମାନଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସଂସ୍କାରର ପକ୍ଷ ମଧ୍ୟ ସ୍ୱଚ୍ଛ ଥିଲା । ଅନେକ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଅବିଶ୍ୱାସକାରୀ ଲୋକମାନେ, ଉପାସନାକାରୀମାନେ ଏପରି ଭାବରେ ଇସଲାମ୍ ଧର୍ମରେ ସାମିଲ୍ ହୋଇଥିଲେ ଯେପରି କେତେକ ଲୋକମାନେ କହି ଦେଉଥିଲେ ଯେ, ଅମକ ତାରକା ଯୋଗୁଁ ବର୍ଷା ହୋଇଯାଇଛି । ତେଣୁ ଯେଉଁ ଲୋକମାନେ ଏକଥା କହିଲେ ଯେ, ଆଜି ଅମକ ତାରା ଯୋଗୁଁ ବର୍ଷ ହୋଇଛି ତେବେ ସେହି ବ୍ୟକ୍ତିମାନେ ମୋର ପ୍ରତ୍ୟାଖ୍ୟାନକାରୀ ଅଟନ୍ତି ଏବଂ ସେମାନେ ତାରକା ଉପରେ ବିଶ୍ୱାସ ଆଣନ୍ତି (ବିଶ୍ୱାସ ଗ୍ରହଣକାରୀ ଅଟନ୍ତି) । **(ସହିହୁଲ୍ ବୁଖାରୀ, କିତାବୁଲ୍ ଅଜାନ୍, ବାବ୍-ୟସ୍ତକବିଲୁଲ୍ ଇମାମୁନ୍ ନାସା ଇସା ସଲ୍ଲମା, ହଦିସ୍ ନଂ-846)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଲ୍ଲାଃତାଲା ଆପଣ ସ.ଅଙ୍କୁ କହିଲେ, ହେ ମୁହମ୍ମଦ ସ.ଅ ! ତୁମ୍ଭେ ଯେପରି ଏକେଶ୍ୱରବାଦର ପୂର୍ଣ୍ଣ ଅବବୋଧ ରଖୁଛ ସେହିପରି ଅବବୋଧ ତୁମ୍ଭେ ନିଜର ଅନୁଗାମୀ ତଥା ଆଜ୍ଞାବହଦ୍‌କାରୀମାନଙ୍କ ମଧ୍ୟରେ ସୃଷ୍ଟି କର ଓ ସେମାନଙ୍କୁ ଏସଂପର୍କରେ କହିଦିଅ । କାରଣ କିପରି ପ୍ରତ୍ୟେକ ସୂକ୍ଷ୍ମ ପ୍ରସଙ୍ଗରେ ସେମାନଙ୍କୁ ଈଶ୍ୱରଙ୍କ ଏକେଶ୍ୱରବାଦ ଏବଂ ତାହାଙ୍କ ପ୍ରେମର ପରିପ୍ରକାଶ କରିବା ଉଚିତ୍ । ତେଣୁ ହୃଦୟର ଅତଳ ଗହ୍ୱରରୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲା ଏବଂ କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ସ୍ୱର୍ଗ ଏବଂ ନର୍କକୁ ଅନିର୍ବାର୍ଯ୍ୟ କରୁଥିବା ଦୁଇଟି ବସ୍ତୁ (ପ୍ରସଙ୍ଗ ବା କଥା) ଗୁଡ଼ିକ କ'ଣ ଅଟନ୍ତି ? ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ଏହି ଅବସ୍ଥାରେ ମୃତ୍ୟୁବରଣ କଲା ଯେ, ସେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରି ନାହିଁ ତେବେ ସେହି ବ୍ୟକ୍ତି ବୈକୁଣ୍ଠଗାମୀ (ସ୍ୱର୍ଗରେ) ପ୍ରବିଷ୍ଟ ହେବ । ସେହିପରି ଯେଉଁ ବ୍ୟକ୍ତି ଏହି ଅବସ୍ଥାରେ ମୃତ୍ୟୁବରଣ କଲା ଯେ, ସେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିଲା ତେବେ ସେହି ବ୍ୟକ୍ତି ନର୍କାଗ୍ନିରେ ପ୍ରବିଷ୍ଟ ହେବ । **(ସହି ମୁସ୍‌ଲିମ୍, କିତାବୁଲ୍ ଇମାନି, ବାବ୍-ଅଦ୍‌ଲିଲି, ଅଲା ମନ୍ ମାତା ଲା ୟୁଶ୍ରିକୁ ବିଲ୍ଲାଃହି ଶୈଅନ୍ ଦଖଲଲ୍ ଜନ୍ନତା........ହଦିସ୍ ନଂ-93)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆଜି ମଧ ପ୍ରତ୍ୟେକ ପ୍ରଶ୍ନକାରୀମାନଙ୍କୁ ଏହି ଉତ୍ତର ଯଥେଷ୍ଟ ଅଟେ ଯେ, ଶିର୍କ କ'ଣ ? ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ କହିଛନ୍ତି ଯେ, ସାଧନ ଉପରେ ଭରସା, ଆତ୍ମବିଶ୍ୱାସ, ନିଜର ସାମର୍ଥ୍ୟତା, ଯୋଗ୍ୟତା ଉପରେ ବିଶ୍ୱାସ ଓ ଭରସା, ନିଜର ଧନ ସମ୍ପତ୍ତି ଉପରେ ବିଶ୍ୱାସ କରିବା, ନିଜର ବଂଶ ଉପରେ ବିଶ୍ୱାସ କରିବା, ସଂପ୍ରଦାୟ ଉପରେ ବିଶ୍ୱାସ କରିବା, ନିଜର ସନ୍ତାନ ସନ୍ତତିମାନଙ୍କ ଉପରେ ବିଶ୍ୱାସ କରିବା ଇତ୍ୟାଦି ଯେକୌଣସି ପ୍ରସଙ୍ଗରେ ମନୁଷ୍ୟ ଈଶ୍ୱରଙ୍କୁ ପ୍ରାଧାନ୍ୟ ଦେଇ ଭରସା କରିଥାଏ ଓ ଅଲ୍ଲାଃତାଲାଙ୍କ ନାମୋଚ୍ଚାରଣ କରିବା ବ୍ୟତୀତ ସେ ଯଦି ଅନ୍ୟ ଉପରେ ବିଶ୍ୱାସ କରିଥାଏ ତେବେ ସେହି ବ୍ୟକ୍ତି ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) କରିଥାଏ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-420, ସଂସ୍କରଣ ବର୍ଷ 2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହି ସୂକ୍ଷ୍ମତାର ସହିତ ଆମମାନଙ୍କୁ ନିଜର ସମୀକ୍ଷା କରିବା ଉଚିତ୍ ଯେ, ଆମେମାନେ ଶିର୍କରୁ ଯେପରି ନିବୃତ୍ତ ରହିପାରିବୁ ହୁଜୁର ଅନ୍ୱର୍ ଅ.ବ କହିଲେ, ଏକେଶ୍ୱରବାଦ ଶିକ୍ଷାକୁ କାର୍ଯ୍ୟକାରୀ କରାଉଥିବୁ ଏବଂ ଅଲ୍ଲାଃତାଲାଙ୍କ ପ୍ରେମ ମନରେ ସୃଷ୍ଟି କରି ଚାଲିଥିବୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଅତିରିକ୍ତ ସୂକ୍ଷ୍ମ ବିନ୍ଦୁ ମାଧ୍ୟମରେ ଏକ ସ୍ଥାନରେ ଆପଣ ସ.ଅ ଏହିପରି ବର୍ଣ୍ଣନା କଲେ ଯେ, ମହମୁଦ୍ ବିନ୍ ଲବିଦ୍ ନାମକ ଜଣେ ସାହାବି ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ମୁଁ ତୁମମାନଙ୍କ ସଂପର୍କରେ ସର୍ବାଧିକ ଯେଉଁ କଥାକୁ ଡରୁଛି ତାହା ହେଲା କ୍ଷୁଦ୍ର ଶିର୍କ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି କ୍ଷୁଦ୍ର ଶିର୍କ କ'ଣ ଅଟେ ? ଆପଣ ସ.ଅ କହିଲେ, କ୍ଷୁଦ୍ର ଶିର୍କ ହେଲା ଲୋକ ଦେଖାଣିଆ କର୍ମ । ପ୍ରଳୟ ଦିବସ ଦିନ ଅଲ୍ଲାଃତାଲା କହିବେ ଯେ, ଯେଉଁ ଲୋକମାନଙ୍କ ସକାଶେ ତୁମେ ସଂସାରରେ ଲୋକ ଦେଖାଣିଆ କର୍ମ କରୁଥିଲ ତୁମେମାନେ ସେହି ଲୋକମାନଙ୍କ ପାଖକୁ ଯାଅ ଓ ଦେଖ ଯେ, କ'ଣ ତୁମମାନଙ୍କୁ ସେହି ଲୋକମାନଙ୍କ ପାଖରେ କୌଣସି ପ୍ରତିଫଳ ପ୍ରାପ୍ତ ହେଉଛି କି ? ତୁମେମାନେ ସେମାନଙ୍କୁ ଯେଉଁ ଲୋକ ଦେଖାଣିଆ କର୍ମ କରୁଥିଲ ସେହି ଲୋକମାନଙ୍କ ଠାରୁ ତୁମେ ଉତ୍ତମ ପ୍ରଫଳ ନେଇ ନିଅ । **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-7, ପୃ-799, ହଦିସ୍ ମୁହମ୍ମଦ୍ ଲବିଦ୍, ହଦିସ୍ ନଂ-24030, ମକ୍ତବା- ଆଲିମୁଲ୍ କୁତୁବ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଲୋକ ଦେଖାଣିଆ କୃତ୍ୟ ଅର୍ଥାତ୍ କୃତ୍ରିମତାମୂଳକ ନୈତିକତା ଏବଂ ଆଡମ୍ବରତା ଇତ୍ୟାଦି ପ୍ରସଙ୍ଗକୁ ଅଲ୍ଲାଃତାଲା ଆଦୌ ପସନ୍ଦ କରନ୍ତି ନାହିଁ । କାରଣ ତୁମେମାନେ ଯେଉଁ କର୍ମ କରୁଛ ତାହା ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବା ନିମନ୍ତେ ସମ୍ପାଦନ କରୁ ନାହଁ ବରଂ ଲୋକ ଦେଖାଣିଆ ନିମନ୍ତେ କରୁଛ ଏବଂ ଲୋକମାନଙ୍କୁ ଖୁସି କରିବା ନିମନ୍ତେ ସମ୍ପାଦନ କରୁଛ । ପରବର୍ତ୍ତୀ କାଳରେ କୌଣସି ମାଧ୍ୟମ ଏପରି କାମ ଦେବ ନାହିଁ । ଅଲ୍ଲାଃତାଲାଙ୍କ କୃପା ହିଁ କାମ ଦେବ । ଆଁହଜରତ୍ ସ.ଅଙ୍କ ସୁନ୍ନତ୍ (ପ୍ରଥାସିଦ୍ଧ ପରମ୍ପରା) ଏବଂ ତାହାଙ୍କ ଆଜ୍ଞାବହତ୍ୱ ତଥା ଆଜ୍ଞାପାଳନ ହିଁ ପ୍ରକୃତ ଅର୍ଥରେ କାମ ଦେବ ଓ ଉପାଦେୟ ସାବ୍ୟସ୍ତ ହେବ । ଏହି ପ୍ରସଙ୍ଗକୁ ଅଲ୍ଲାଃତାଲା ସ୍ୱୟଂ ପସନ୍ଦ କରିଛନ୍ତି । କାରଣ ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, فَاتَّبِعُوْنِيْ يُحْبِبْكُمُ اللّٰهُ **(ଆଲେ ଇମ୍ରାନ୍: 32)** ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ତୁମ୍ଭେ ଏହି ଘୋଷଣା କରିଦିଅ ଯେ, ହେ ଲୋକମାନେ! ତୁମ୍ଭେ ଆମ୍ଭଙ୍କୁ (ଆଁହଜରତ୍ ସ.ଅଙ୍କୁ) ଅନୁସରଣ କର, ତାହାହେଲେ ଅଲ୍ଲାଃତାଲା ତୁମ୍ଭଙ୍କୁ ପ୍ରେମ କରିବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଏକ ହଦିସ୍‌ରେ ବର୍ଣ୍ଣନା ମିଳେ ଯେ, ହ. ଅବୁ ହୁରେରାହ୍ ର.ଅ ଆଁହଜରତ୍ ସ.ଅଙ୍କ ଠାରୁ ଶୁଣି ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ତାହାଙ୍କ ମାର୍ଗରେ ବାହାରିଥାଏ ସେହି ବ୍ୟକ୍ତିର ଦାୟିତ୍ୱ (ଯତ୍ନ) ଅଲ୍ଲାଃତାଲା ବହନ କରିନେଇଛନ୍ତି । ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ବାହାରିବା ଦ୍ୱାରା ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଉତ୍ତମ ପ୍ରତିଫଳ ଏବଂ ତା'ର ବ୍ୟୟ କରାଯାଇଥିବା ଧନ ଯୋଗୁଁ ତା'କୁ ପୁଣ୍ୟ ପ୍ରଦାନ କରି ଫେରସ୍ତ କରିଦେବେ ଅବା ତାକୁ ବୈକୁଣ୍ଠରେ ପ୍ରବିଷ୍ଟ କରିଦେବେ । ଅର୍ଥାତ୍ ସେହି ବ୍ୟକ୍ତିକୁ ପ୍ରଭୁଙ୍କ ମାର୍ଗରେ ବାହାରିବା ଦ୍ୱାରା ବିଜୟ ପ୍ରାପ୍ତ ହେବ ଅବା ଶାହାଦତ୍ (ବୀରଗତି) ପ୍ରାପ୍ତ ହେବ । ତେବେ ଯାଇଁ ସେହି ବ୍ୟକ୍ତି ବୈକୁଣ୍ଠରେ ପ୍ରବିଷ୍ଟ ହେବ । କିନ୍ତୁ ସର୍ତ୍ତ ଏହିକି ଯେ, ସେହି ବ୍ୟକ୍ତି ମୋ ଉପରେ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବା ଉଚିତ୍ ଓ ମୋର ବାର୍ତ୍ତାବହଙ୍କର ପୁଷ୍ଟି କରିଥିବା ହେତୁ ସେ ଜିହାଦ୍‌ରେ ବାହାରିଥିବା ଉଚିତ୍ । ପୁନଶ୍ଚ ଏହି ସର୍ତ୍ତ ମଧ ରହିଛି ଯେ, ବ୍ୟକ୍ତି ବିଶ୍ୱାସରେ ଦୃଢ ରହିବା ଉଚିତ୍ । ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ଆଜ୍ଞାବହତ୍ୱ ଓ ତାହାଙ୍କ ବୈଅତ୍ (ଦୀକ୍ଷା)ର ଅଧିକାରକୁ ସମ୍ପାଦନ କରିବା ସହିତ ଜିହାଦ୍ ପାଇଁ ବାହାରୁ । ଯଦି ମୁଁ ଉକ୍ତ କଥା ଭାବି ନଥାଆନ୍ତି ଯେ, ମୁଁ ନିଜ ଧର୍ମାବଲମ୍ବୀମାନଙ୍କୁ ସମସ୍ୟାରେ ପକାଇଦେବି ତେବେ ମୁଁ ପ୍ରତ୍ୟେକ ସୈନ୍ୟବାହିନୀ ସହିତ ଜିହାଦ୍ କରିବା ନିମନ୍ତେ ଯାଇଥାଆନ୍ତି । ମୋର ତ' ଏହି ମନସ୍କାମନା ରହିଛି ଯେ, ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ମୃତ୍ୟୁବରଣ କରିବି ପୁନଃ ମୁଁ ଜୀବିତ ହେବି ଓ ପୁନଃ ମୁଁ ତାହାଙ୍କ ମାର୍ଗରେ ମୃତ୍ୟୁବରଣ କରିବି । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇମାନ୍, ବାବ୍-ଅଲ୍ ଜିହାଦୁ ମିନଲ୍ ଇମାନି, ହଦିସ୍ ନଂ-36)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ହଦିସ୍‌ର ବ୍ୟାଖ୍ୟାରେ ହ. ସୈୟେଦ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ବୁଖାରୀର ଯେଉଁ ବର୍ଣ୍ଣନାଟି ରହିଛି ଏବଂ ଯହିଁରେ ଆଁହଜରତ୍ ସ.ଅ ଯେଉଁ କଥା କହିଛନ୍ତି ତାହା ଏହିକି ଯେ, لَوْلَا أَنْ أَشُقَّ عَلٰى أُمَّتِيْ ଯେଦି ମୁଁ ଚିନ୍ତିତ ନଥାଆନ୍ତି ଯେ, ମୋର ଧର୍ମାବଲମ୍ବୀମାନେ ସମସ୍ୟାରେ ପଡ଼ିଯିବେ ତେବେ ମୁଁ ଏପରି କରିଥାଆନ୍ତି । ତହିଁରୁ ଏହା ଯଥାର୍ଥ ଯେ, ଆଁହଜରତ୍ ସ.ଅଙ୍କୁ ଭଲ ଭାବରେ ଅଭିଜ୍ଞତା ହୋଇ ଯାଇଥିଲା ଯେ, ସାହାବାମାନଙ୍କ ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱର ଆକାଂକ୍ଷା ରହିଥିଲା । ସଂଖ୍ୟାଗରିଷ୍ଠ ସାହାବାମାନେ ଆଁହଜରତ୍ ସ.ଅଙ୍କ ପ୍ରତି ଆକାଂକ୍ଷିତ ଥିଲେ ଏବଂ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ତଥା ଆପଣ ସ.ଅଙ୍କୁ ଅନୁକରଣ କରିବାକୁ ଚାହୁଁଥିଲେ ସେମାନେ ଆପଣ ସ.ଅଙ୍କ ଆଜ୍ଞବହତ୍ୱ ଓ ଆପଣ ସ.ଅଙ୍କୁ ଅନୁକରଣ ମଧ କରୁଥିଲେ । ଆପଣ ସ.ଅଙ୍କ ଉତ୍ତମ ଆଦର୍ଶରେ ଏପରି ଶକ୍ତି ଏବଂ ଆକର୍ଷଣ କରିବାର ଗୁଣ ରହିଥିଲା ଯେ, ସ୍ୱୟଂ ଆଁହଜରତ୍ ସ.ଅଙ୍କୁ କର୍ମ ସମ୍ପାଦନ କରିବାରେ ନିଜ ଧର୍ମାବଲମ୍ବୀମାନଙ୍କ ସଂପର୍କରେ ଭାବିବାକୁ ପଡୁଥିଲା ଯେ, କାଳେ ଆପଣ ସ.ଅଙ୍କ କର୍ମ ସେମାନଙ୍କ ନମିତ୍ତେ ଏପରି ରୂପ ନନେଇ ନେଉ ଯାହା ସେମାନଙ୍କୁ ଅଧିକ ସମସ୍ୟାଗ୍ରସ୍ତ ତଥା କଷ୍ଟରେ ପକାଇଦେବ । ଅର୍ଥାତ୍ ସ.ଅ ଯଦି ପ୍ରତ୍ୟେକ ବସ୍ତୁ ଅନିର୍ବାର୍ଯ୍ୟ କରିଦେଲେ ତେବେ ଧର୍ମାବଲମ୍ବୀମାନେ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ଆପଣ ସ.ଅ କହିଲେ, ହେ ସାହାବାମାନେ ମୁଁ ଜିହାଦ୍‌କୁ ବେଳେବେଳେ ଏଇଥି ପାଇଁ ଯାଉ ନାହିଁ ଯେ, ତୁମେମାନେ ସମସ୍ୟାର ସମ୍ମୁଖୀନ ହୋଇଯିବ । ମୁଁ ତୁମମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ଦେବାକୁ ଚାହୁଁ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ସୈୟେଦ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ ଅତିରିକ୍ତ ଉଲ୍ଲେଖ କରନ୍ତି: " ଯେପରିକି ଅବିଶ୍ୱସାକାରୀମାନେ ମଧ ଆଁହଜରତ୍ ସ.ଅଙ୍କ ପ୍ରତି عَشِقَ مُحَمَّدٌ رَبَّهٗ ରେ ଶବ୍ଦ ବ୍ୟବହାର କରୁଥିଲେ । ଏହି ପଦ ଦ୍ୱୟରେ ସେହି ପ୍ରେମର ଚର୍ଚ୍ଚା ରହିଛି ଏବଂ ଅବିଶ୍ୱାସକାରୀମାନେ ସେହି ପ୍ରେମର ଚର୍ଚ୍ଚା ମଧ କରୁଥିଲେ। କିନ୍ତୁ ସେହି ପ୍ରେମ ସହିତ ନିଜ ଉପରେ ସେମାନେ ନିୟନ୍ତ୍ରଣ ମଧ ରଖୁଥିଲେ ଏବଂ ବୁଦ୍ଧି ମୁହୂର୍ତ୍ତକ ପାଇଁ ମଧ ଆପଣ ସ.ଅଙ୍କ ସାହଚର୍ଯ୍ୟତ୍ୱ ପରିତ୍ୟାଗ କଲା ନାହିଁ ।

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଯେଉଁ ଲୋକମାନେ ନିଜ କର୍ମରେ ଆଧିକ୍ୟତା ଅବଲମ୍ବନ କରନ୍ତି ସେମାନଙ୍କ ନିମନ୍ତେ ତହିଁରେ ଏକ ଶିକ୍ଷା ରହିଛି । ଆଖି ବୁଜି ନିଜର ଆବେଗ ତଥା କମନା ପଛରେ ପଡ଼ିଯିବା (ଧାଇଁବା ବା ଅନୁକରଣ କରିବା) କୌଣସି ପୂର୍ଣ୍ଣ ବିଶ୍ୱାସର ଲକ୍ଷଣ ନୁହେଁ ଓ ନା ହିଁ ଏହା କୌଣସି ସର୍ବୋଚ୍ଚ ପୁଣ୍ୟ ଅଟେ । କେତେକ ଲୋକମାନେ କୁହନ୍ତି ଯେ, ଆମେମାନେ ସ୍ୱାଭିମାନୀ ଅଟୁ । ଆମମାନଙ୍କୁ ଏହା କରିବା ଉଚିତ୍ ଓ ତାହା କରିବା ଉଚିତ୍ । ଅଲ୍ଲାଃତାଲା ମଧ୍ୟବର୍ତ୍ତୀ ପନ୍ଥାକୁ ପସନ୍ଦ କରନ୍ତି । ମଧ୍ୟମ ପନ୍ଥା ଉପରେ ହିଁ ଅବିଚଳ ରହିବା ପୁଣ୍ୟର ଅନନ୍ୟତା ଅଟେ । କାରଣ ତହିଁରେ ଆତ୍ମା ସଙ୍ଗେସଙ୍ଗେ ଉଦ୍ୟମ ମଧ୍ୟ କେରିବାକୁ ପଡ଼ିଥାଏ ।" **(ସହିହୁଲ୍ ବୁଖାରୀ, ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-1, ପୃ-84, କିତାବୁଲ୍ ଇମାନ୍, ବାବ୍-କିତାବୁଲ୍ ଜିହାଦ୍ ମିନଲ୍ ଇମାନି, ବାବ୍- ଅଲ ଜିହାଦ୍, ହଦିସ୍ ନଂ-36, ନଜାରତ୍ ଈଶ୍ୱଅତ୍, ରବୱା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏଠାରେ ଆତ୍ମା ସହିତ ମଧ୍ୟ ସଂଗ୍ରାମ ରହିଛି ଓ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ପ୍ରସଙ୍ଗ ମଧ୍ୟ ରହିଛି । ଉଭୟକୁ ସମ୍ମୁଖରେ ରଖି କାର୍ଯ୍ୟ କରିବା ଉଚିତ୍ । ଏହି ଅର୍ଥ ନୁହେଁ ଯେ, ଅନ୍ଧ ଅନୁକରଣ କରିନେବା । ଆଁହଜରତ୍ ସ.ଅ ନିଜର ଉଦାହରଣ ସ୍ଥାପନ କରି ଆମମାନଙ୍କୁ ଏପରି ମାର୍ଗ ଦେଖାଇଛନ୍ତି ଯେ, ଈଶ୍ୱର ପ୍ରେମର ମଧ୍ୟ  ସୀମା ରହିଛି, କାମନାର ପରିପ୍ରକାଶର ମଧ୍ୟ ସୀମା ରହିଛି ଓ ବଳିଦାନର ମଧ୍ୟ ସୀମା ରହିଛି । କିନ୍ତୁ ତତ୍‌ସହିତ ବୁଦ୍ଧି ଏବଂ ମଧ୍ୟବର୍ତ୍ତୀ ମାର୍ଗ ମଧ୍ୟ ରହିଛି । ତାହା ଏଇଥି ପାଇଁ ଯେ, ଅଲ୍ଲାଃତାଲାଙ୍କ ଏହି ଆଦେଶ ରହିଛି ଯେ, ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କର ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିବାକୁ ନାପସନ୍ଦ କରିଛନ୍ତି । ଆପଣ ସ.ଅଙ୍କ ପବିତ୍ର ପତ୍ନି ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ବଦର୍ ଅଭିମୁଖେ ବାହାରିଲେ । ଯେତେବେଳେ ଆପଣ ହରରତୁଲ୍ ୱବ୍‌ରାହ୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ମଦିନାର ପଶ୍ଚିମ ଦିଗରେ ତିନି ମାଇଲ୍ ବ୍ୟବଧାନରେ ଆପଣ ସ.ଅଙ୍କୁ ଜଣେ ବ୍ୟକ୍ତି ମିଳିଲା, ସେହି ବ୍ୟକ୍ତିର ସାହସିକତା ଏବଂ ବୀରତ୍ୱର ବେଶ୍ ଚର୍ଚ୍ଚା କରାଯାଉଥିଲା । ସେ ଜଣେ ସାହସୀ ବ୍ୟକ୍ତି ଥିଲା । ରସୁଲ୍ କରୀମ୍ ସ.ଅଙ୍କ ସାହାବାମାନେ ଯେତେବେଳେ ସେହି ବ୍ୟକ୍ତିକୁ ଦେଖିଲେ ସେତେବେଳେ ସେମାନେ ବେଶ୍ ଆନନ୍ଦିତ ହେଲେ । କାରଣ ସେହି ବ୍ୟକ୍ତି ଆସିଯାଇଛି ଏବଂ ଆମ ସହିତ ଯୁଦ୍ଧ କରିବା ନିମନ୍ତେ ସାମିଲ୍ ହେବ । ଯେତେବେଳେ ଆଁହଜରତ୍ ସ.ଅଙ୍କ ସହିତ ସେହି ବ୍ୟକ୍ତିର ସାକ୍ଷାତ୍ ହେଲା ସେତେବେଳେ ସେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ କହିଲା, ହେ ମୁହମ୍ମଦ୍ ସ.ଅ ! ମୁଁ ଆପଣ ସ.ଅଙ୍କ ସହିତ ଯିବା ନିମନ୍ତେ, ଆପଣଙ୍କ ଭାଗରୁ ଭାଗ ପ୍ରାପ୍ତ କରିବା ଓ ଆପଣ ସ.ଅଙ୍କୁ ସାହାଯ୍ୟ କରିବା ନିମନ୍ତେ ଆସିଛି । ରସୁଲୁଲ୍ଲାଃ ସ.ଅ ସେହି ବ୍ୟକ୍ତିକୁ କହିଲେ, ହେ ବ୍ୟକ୍ତି ! ତୁମେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛ କି ? ସେ କହିଲା, ନାହିଁ । ଆପଣ ସ.ଅ କହିଲେ, ତାହାହେଲେ ହେ ବ୍ୟକ୍ତି ! ତୁମେ ଫେରିଯାଅ, ତୁମେ ଯାଇପାର । କାରଣ ମୁଁ କୌଣସି ମୁଶ୍‌ରିକ୍ ଠାରୁ ସାହାଯ୍ୟ ନେବି ନାହିଁ । ହ. ଆଏଶା ର.ଅ କୁହନ୍ତି ଯେ, ସେହି ବ୍ୟକ୍ତି ଚାଲିଗଲା । ଏପର୍ଯ୍ୟନ୍ତକି ଯେତେବେଳେ ଆମେମାନେ ଶଜ୍‌ରାହ୍ ଠାରେ ପହଞ୍ଚିଲୁ (ଶଜ୍‌ରାହ୍ ମଦିନା ଠାରୁ ପାଞ୍ଚ ମାଇଲ୍ ବ୍ୟବଧାନରେ ଜୁଲ୍ ହୁଲୈଫା ଠାରେ ଅବସ୍ଥିତ ଏକ ବୃକ୍ଷ ଥିଲା ଯେଉଁଠି ନବୀ କରୀମ୍ ସ.ଅ ନିଜର ଏହରାମ୍ ବାନ୍ଧୁଥିଲେ) । ସେଠାରେ ଏହି ବ୍ୟକ୍ତି ପୁନଃ ଆପଣ ସ.ଅଙ୍କ ପାଖକୁ ଆସିଲା । ସେହି ବ୍ୟକ୍ତି ଆପଣ ସ.ଅଙ୍କୁ ପାଇଲା ଏବଂ ଠିକ୍ ସେହିପରି କହିଲା ଯେପରି ସେ ପ୍ରଥମ ଥର କହିଥିଲା। ଆଁହଜରତ୍ ସ.ଅ ସେହି ବ୍ୟକ୍ତିକୁ ପୂର୍ବବତ୍ ଉତ୍ତର ଦେଲେ । ଆପଣ ସ.ଅ କହିଲେ, ହେ ବ୍ୟକ୍ତି ! ତୁମେ ଫେରିଯାଅ । କାରଣ ମୁଁ ଜଣେ ମୁଶ୍‌ରିକ୍ ଠାରୁ ସାହାଯ୍ୟ ଲୋଡ଼ିବି ନାହିଁ। ପୁନଶ୍ଚ ସେହି ବ୍ୟକ୍ତି ଫେରିଗଲା ଏବଂ ଆପଣ ସ.ଅଙ୍କୁ ବୈଦା (ମଦିନା ମଧ୍ୟବର୍ତ୍ତୀ ଜୁଲ୍ ହୁଲୈଫା ଠାରୁ ଆଗକୁ ଅବସ୍ଥିତ ଅକ ସ୍ଥାନ) ଠାରେ ମିଳିଲା । ସେ ଯାହା ହେଉ ସେଠାରେ ଆଁହଜରତ୍ ସ.ଅ ତା'କୁ ସେହି କଥା କହିଲେ, ଯାହା ଆପଣ ସ.ଅ ପୂର୍ବେ କହିଥିଲେ । ଅର୍ଥାତ୍ ଆପଣ ସ.ଅ ତାକୁ କହିଲେ, ହେ ବ୍ୟକ୍ତି ! ତୁମେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛ କି ? ସେ କହିଲା, ହଁ । ତେବେ ରସୁଲୁଲ୍ଲାଃ ସ.ଅ ତାକୁ କହିଲେ, ହେ ବ୍ୟକ୍ତି ! ବର୍ତ୍ତମାନ ତୁମେ ଚାଲ । ତୁମେ ବର୍ତ୍ତମାନ ଆମ ସହିତ ଯିବା ନିମନ୍ତେ ଯୋଗ୍ୟ ଅଟ । ଅତଏବ୍ ସେ ଯେକୌଣସି ପରିସ୍ଥିତି ହେଉ ନା କାହିଁକି ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏବଂ ସ୍ୱାଭିମାନ ଏହା ସହ୍ୟ କରି ପାରିବ ନାହିଁ ଯେ, ଅବିଶ୍ୱାସକାରୀ ଠାରୁ ସାହାଯ୍ୟ ନିଆଯାଉ, ବିଶେଷ କରି ସେହି କାର୍ଯ୍ୟ ନିମନ୍ତେ ଯାହା ବିଶଷତଃ ଅଲ୍ଲାଃତାଲାଙ୍କ ପ୍ରସନ୍ନତା, ତାହାଙ୍କ ଅନୁଗ୍ରହତା ଓ ତାହାଙ୍କ ଧର୍ମ ସକାଶେ ସମ୍ପାଦିତ କରାଯାଉଛି । **(ସହି ମୁସଲିମ୍, କିତାବୁଲ୍ ଜିହାଦ୍, ୱସ୍ ସୈର୍, ବାବ୍-କରାହତିଲ୍ ଇସ୍ତିଆନହ୍ ଫିଲ୍ ଗଜ୍‌ୱି ୱ ବି କାଫିରିନ୍......ହଦିସ୍ ନଂ-1817) (ଜୀବନୀ ଶବ୍ଦକୋଷ, ପୃ-71, 102, 105 ଓ 162)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ରସୁଲ୍ କରୀମ୍ ସ.ଅଙ୍କୁ ଦେଖ ! ଆପଣ ସ.ଅଙ୍କ ମଧ୍ୟରେ କିପରି ଅଧ୍ୟାତ୍ମ ପରିଚୟ ବିଦ୍ୟମାନ ଥିଲା, କିପରି ସତର୍କ ଓ ସଚେତନତା ରହିଥିଲା, କିପରି ଆପଣ ସ.ଅ ଈଶ୍ୱଙ୍କ ଠାରୁ ଭୟଭୀତ ରହୁଥିଲା ? ଆପଣ ସ.ଅ ସମସ୍ତ ମନୁଷ୍ୟମାନଙ୍କ ଅପେକ୍ଷା ସର୍ବାଧିକ ପୂର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ, ପ୍ରତ୍ୟେକ ପ୍ରକାରର ପାପ ଠାରୁ ଆପଣ ସ.ଅ ପବିତ୍ର ଥିଲେ, ସ୍ୱୟଂ ଅଲ୍ଲାଃତାଲା ଆପଣ ସ.ଅଙ୍କ ରକ୍ଷାକର୍ତ୍ତା ଏବଂ ନୀରିକ୍ଷକ ଥିଲେ । କିନ୍ତୁ ଏହି ପବିତ୍ରତା ଓ ନିର୍ମଳତା ସତ୍ତ୍ୱେ ମଧ୍ୟ ଆପଣ ସ.ଅଙ୍କର ଏହି ଅବସ୍ଥା ଥିଲା ଯେ, ଆପଣ ସ.ଅ ସର୍ବଦା ଅଲ୍ଲାଃତାଲାଙ୍କୁ ଭୟ କରୁଥିଲେ । ପୁଣ୍ୟ ଉପରେ ପୁଣ୍ୟ କର୍ମ କରୁଥିଲେ, ଗୋଟିଏ ପୁଣ୍ୟ ପରେ ଅନ୍ୟ ପୁଣ୍ୟ ଆପଣ ସମ୍ପାଦନ କରୁଥିଲେ, ଖରାପ କାର୍ଯ୍ୟର ତ' ପ୍ରଶ୍ନ ହିଁ ଉଠୁ ନଥିଲା କି ସନ୍ଦେହର ଅବକାଶ ମଧ୍ୟ ନଥିଲା । ଆପଣ ସ.ଅ ସର୍ବୋଚ୍ଚ ଉତ୍ତମ ଆଚରଣ ତଥା ଚରିତ୍ର ପ୍ରଦର୍ଶନ କରୁଥିଲେ, ଆପଣ ସ.ଅ ସର୍ବଦା ଈଶ୍ୱର ଉପାସନାରେ ନିମଗ୍ନ ରହୁଥିଲେ । କିନ୍ତୁ ଏସବୁ ସତ୍ତ୍ୱ ମଧ୍ୟ ଆପଣ ସ.ଅ ଈଶ୍ୱରଙ୍କୁ ବହୁତ ଭୟ ମଧ୍ୟ କରୁଥିଲେ । ଆପଣ ସ.ଅ ନିଜ ତରଫରୁ ଯଥାସମ୍ଭବ ସତର୍କତା ଅବଲମ୍ବନ କରୁଥିଲେ । କିନ୍ତୁ ଈଶ୍ୱରଙ୍କ ଅବଦାନ ଆଡ଼କୁ ଚାହିଁ ବସୁଥିଲେ, ତାହାଙ୍କ ପ୍ରତାପ ତଥା ଓଜସ୍ୱୀତାକୁ ଅବଲୋକନ କରୁଥିଲେ ତେବେ ତାହାଙ୍କ ନିର୍ଭରଶୀଳତ୍ୱରେ ନିଜର ସକଳ କର୍ମ ଠାରୁ ମୁକ୍ତ ହୋଇ ଯାଉଥିଲେ ଏବଂ ଇସ୍ତିଗ୍‌ଫାର (କ୍ଷମାଯାଚନା) କରୁଥିଲେ ଏବଂ ଯେତେବେଳେ ଆପଣ ସ.ଅଙ୍କୁ କୌଣସି ସୁଯୋଗ ମିଳୁଥିଲା ସେତେବେଳେ ଆପଣ ସ.ଅ ତୌବା (କ୍ଷମା ଭିକ୍ଷା) କରୁଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ବୁଖାରୀରେ ଏକ ହଦିସ୍ ରହିଛି । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, سَمِعْتُ النَّبِيَّ صَلَّى اللّٰهُ عَلَيْهِ وَسَلَّمَ يَقُوْلُ وَاللّٰهِ اِنِّيْ لَاَسْتَغْفِرُ اللّٰهَ وَاَتُوْبُ اِلَيْهِ فِي الْيَوْمِ اَكْثَرَ مِنْ سَبْعِيْنَ مَرَّةً ଅର୍ଥାତ୍ ମୁଁ ଆଁହଜରତ୍ ସ.ଅଙ୍କୁ କହୁଥିବାର ଶୁଣିଲି ଯେ, ଆଁହଜରତ୍ ସ.ଅ ଏହା କହୁଥିଲେ ଯେ, ଆପଣ ସ.ଅ ଦିନରେ 70ରୁ ଉର୍ଦ୍ଧ୍ୱ ଥର ଈଶ୍ୱରଙ୍କ ନିକଟରେ ନିଜର ଦୋଷ ଦୁର୍ବଳତା ପାଇଁ କ୍ଷମା ନିବେଦନ କରୁଥିଲେ ଏବଂ ଈଶ୍ୱରଙ୍କ ଆଡ଼କୁ ଆନତ ହୋଇ ଯାଉଥିଲେ । **(ସିରତୁନ୍ ନବୀ ସ.ଅ, ଲେଖକ-ହ. ମୁସ୍‌ଲେହ୍ ମଉଦ୍ ର.ଅ, ଗ୍ରନ୍ଥଖଣ୍ଡ-1, ପୃ-82)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, 70 ଶବ୍ଦ ମଧ୍ୟ ଆରବୀ ଭାଷାରେ ଅସଂଖ୍ୟ ଅର୍ଥରେ ବ୍ୟବହୃତ ହୋଇଥାଏ । ଅର୍ଥାତ୍ ଆଁହଜରତ୍ ସ.ଅ ଅସଂଖ୍ୟ ଥର କରୁଥିଲେ। ଆପଣ ସ.ଅଙ୍କ ଅଲ୍ଲାତାଲାଙ୍କ ପ୍ରତି ଥିବା ପ୍ରେମର ଏହି ଅବସ୍ଥା ଥିଲା ଯେ, ପ୍ରତ୍ୟେକ ଅବସରରେ ଆପଣ ସ.ଅଙ୍କ ତୁଣ୍ଡରେ ଈଶ୍ୱର ଚର୍ଚ୍ଚା ଆର୍ଦ୍ର ରହୁଥିଲା । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ପ୍ରତ୍ୟେକ ଅବସ୍ଥାରେ ଈଶ୍ୱର ଚର୍ଚ୍ଚା କରୁଥିଲେ । **(ସୁନନ୍ତୁ ତିର୍ମିଜି, ଅବୱବାବୁଦ୍ ଦାୱାତ୍, ବାବ୍- ମା ଯାଆ ଅନ୍ ଦାୱତୁଲ୍ ମୁସ୍‌ଲିମି ମୁସ୍ତଜାବତା, ହଦିସ୍, 3384)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ବର୍ଣ୍ଣନା କରିଛନ୍ତି ଏବଂ ହଦିସରୁ ମଧ୍ୟ ଏହା ପ୍ରମାଣିତ ଯେ, ଆଁହଜରତ୍ ସ.ଅଙ୍କ ତୁଣ୍ଡ ସର୍ବଦା ଏବଂ ସବୁ ସମୟ ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରହୁଥିଲା । ହ. ସମ୍ରାହ୍ ବିନ୍ ଜୁନ୍ଦୁବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, 4ଟି କଥା ସମସ୍ତ ବାଣୀ ବା କଥା ଅପେକ୍ଷା ସର୍ବୋତ୍ତମ ଅଟେ । ସେହି 4ଟି ବାଣୀ ମଧ୍ୟରେ ଯେଉଁ ବାଣୀରୁ ବି ତୁମେ ଆରମ୍ଭ କର ତେବେ ତୁମର କୌଣସି କ୍ଷତି ସାଧନ ହେବ ନାହିଁ । ଅତଏବ୍ ତୁମେ ଯେତେବେଳେ ଏହି ଚାରୋଟି ବାଣୀ ମଧ୍ୟରୁ କୌଣସି କଥା ଆରମ୍ଭ କର ତେବେ ତାହା ଶ୍ରେଷ୍ଠ ଏବଂ କଲ୍ୟାଣମୟ ଅଟେ । ସେହି ବାଣୀଗୁଡ଼ିକ ହେଲା- سبحان الله, الحمد لله, لا اله الا الله, الله اكبر ଅର୍ଥାତ୍ ଅଲ୍ଲାଃତାଲା ପବିତ୍ର ଅଟନ୍ତି, ସକଳ ପ୍ରଶଂସା ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ, ତାହାଙ୍କର କେହି ବି ସମକକ୍ଷ ନାହିଁ, ତାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି ଓ ଅଲ୍ଲାଃତାଲା ଅତି ମହାନ୍ ଅଟନ୍ତି । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅଦବ୍, ବାବ୍-ଫଜ୍‌ଲୁତ୍ ତସ୍‌ବିହ୍, ହଦିସ୍ ନଂ-3811)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେ ଅତଏବ୍ ଏହିସବୁ କଥାଗୁଡ଼ିକ ଏପରି ଅଟନ୍ତି ଯାହାକୁ ପ୍ରତ୍ୟେକ ମନୁଷ୍ୟ ନିଜ ମସ୍ତିଷ୍କ ମଧ୍ୟରେ ରଖିବା ଉଚିତ୍ ଏବଂ ସର୍ବଦା ସେହି କଥା ସବୁକୁ କଥାବାର୍ତ୍ତା କରିବା ସମୟରେ ଏବଂ କାମ ସମୟରେ ମଧ୍ୟ ନିଜ ସମ୍ମୁଖରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ରଖିବା ଉଚିତ୍ । ଯଦି ଆମେମାନେ ଏପରି କରୁ ତେବେ ତହିଁରେ କଲ୍ୟାଣ ହିଁ କଲ୍ୟାଣ ନିହିତ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବଦୁଲ୍ଲାଃ ବିନ୍ ବିସର ର.ଅ କୁହନ୍ତି ଯେ, ଜଣେ ମଫସଲ ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ନିମନ୍ତେ ଇସଲାମ୍ ଧର୍ମର ନିୟମ ଏବଂ କର୍ମ ଅତ୍ୟଧିକ ହୋଇ ଯାଇଛନ୍ତି ଅର୍ଥାତ୍ ଏତେ ନୀତି ନିୟମ ଓ ଆଦେଶାବଳୀ ରହିଛି ଓ ପୁଣ୍ୟ କଥା ହୋଇଯାଇଛି ଯେ, ମୋ ଭଳିଆ ବ୍ୟକ୍ତି ଏହି ସବୁ ପ୍ରସଙ୍ଗ ଅଧିକ ହୋଇଯାଇଛି । ସେହି ଲୋକମାନେ ମଫସଲ୍ ଲୋକ ଥିଲେ, ତେଣୁ ସେମାନେ ଏହିପରି ପ୍ରଶ୍ନ ପଚାରି ଦେଉଥିଲେ । ଅତଏବ୍ ସେହି ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଏପରି କଥା କହି ଦିଅନ୍ତୁ ଯେ, ମୁଁ ସେହି ସମସ୍ତ କଥାକୁ ପାଳନ କରିବି ଏବଂ ଏଥି ନିମନ୍ତେ ଉଦ୍ୟମ କରିବି । ସେହି କଥାକୁ ଅଧିକ ଥର ଜପ କରୁଥିବି । ଆପଣ ସ.ଅ କହିଲେ, ବସ୍ ! ତୁମର ତୁଣ୍ଡ ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରହୁ । ତୁମେ ନିଜ ତୁଣ୍ଡକୁ ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରଖ । ଆପଣ ସ.ଅ କହିଲେ, ବସ୍ ତୁମେ ଏହି ବାଣୀ ପୁନରାବୃତ୍ତି କର ଯେ, لَا يَزَالُ لِسَانُكَ رَطْبًا مِنْ ذِكْرِ اللّٰهِ عَزَّوَجَلَّ ଅର୍ଥାତ୍ ତୁମର ତୁଣ୍ଡ ସର୍ବଦା ଈଶ୍ୱର ଚର୍ଚ୍ଚା ଦ୍ୱାରା ଆର୍ଦ୍ର ରହୁ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅଦବ୍, ବାବ୍-ଫଜଲୁଜ୍ ଜିକ୍ରି, ହଦିସ୍ ନଂ-3793)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ସର୍ବୋତ୍କୃଷ୍ଟ ଚର୍ଚ୍ଚା لَا إِلٰهَ إِلَّا اللّٰهُ ଅଟେ ଏବଂ ସର୍ବୋତ୍ତମ ଦୁଆ (ପ୍ରାର୍ଥନା) اَلْحَمْدُ لِلّٰهِ ଅଟେ । **(ସୁନନୁତ୍ ତିର୍ମିଜି, ଅବୱାବୁଦ୍ ଦାୱାତ୍, ବାବ୍- ମା ଯାଆ ଅନ୍ ଦାୱତୁଲ୍ ମୁସ୍‌ଲିମି, ମୁସ୍ତଜାବତା, ହଦିସ୍ ନଂ-3383)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉମାମା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ମୋ ସମ୍ମୁଖରେ ଅଲ୍ଲାଃତାଲାଙ୍କ ତରଫରୁ ପ୍ରସ୍ତାବ ଦିଆଗଲା ଯେ, ସେ ମୋ ନିମନ୍ତେ ବତ୍‌ହା ଉପତ୍ୟକାକୁ ସୁନାର ଉପତ୍ୟକା କରିଦେବେ । ଆଁହଜରତ୍ ସ.ଅ କହିଲେ, ହେ ମୋର ପାଳନକର୍ତ୍ତା ! ତୁମେ ଏପରି କର ଯେ, ମୁଁ ଦିନେ ପେଟପୂରି ଆହାର ଖାଇବି ଓ ଦିନେ ମୁଁ ଉପାସ ରହିବି। ତେଣୁ ମୁଁ ଯେତେବେଳେ ଭୋକିଲା ରହିବି, ସେତେବେଳେ ମୁଁ ତୁମ୍ଭ ସମକ୍ଷରେ ରୋଦନ ଓ ବିଳାପ କରିବି ଓ ତୁମ୍ଭକୁ ସ୍ମରଣ କରିବି । ସେହିପରି ଯେତେବେଳେ ମୁଁ ପେଟପୂରି ଭୋଜନ କରିନେବି ସେତେବେଳେ ମୁଁ ତୁମ୍ଭର କୃତଜ୍ଞତା ଜ୍ଞାପନ କରିବି। ତୁମ୍ଭେ ଯେଉଁଠି ବି ମୋତେ ମନେରଖ ମୋତେ ତାହା ହିଁ ଲୋଡ଼ା । ତୁମ୍ଭ ବ୍ୟତୀତ ମୋତେ ଅନ୍ୟ କିଛି ବି ଲୋଡ଼ା ନାହିଁ । ହେ ଅଲ୍ଲାଃ ସ୍ୱର୍ଣ୍ଣ, ରୋପ୍ୟ, ଧନ ସମ୍ପତ୍ତି ଅଧିକ ହୋଇଗଲେ ତୁମ୍ଭର ସ୍ମରଣ (ଚର୍ଚ୍ଚା) ମୋ ମନରେ ସମାପ୍ତ ହୋଇ ନଯାଉ । ମୋତେ ଏହା ଲୋଡ଼ା ନାହିଁ । ତେଣୁ ମୋତେ କେବଳ ତୁମ୍ଭର ହିଁ ଚର୍ଚ୍ଚା ଓ ତୁମ୍ଭର ନାଁ ହିଁ ଲୋଡ଼ା। **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-7, ପୃ-402, ହଦିସ୍- ଉବେଁ ଇମାମତୁଲ୍ ବାହିଲି, ହଦିସ୍ ନଂ- 22543, ମକ୍ତବା ଆଲିମୁଲ୍ କୁତୁବ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ଆଁହଜରତ୍ ସ.ଅ ନିଜ ଉପରେ ଅର୍ଥାତ୍ ନିଜ ସକାଶେ ଯେଉଁ ଅଭାବଗ୍ରସ୍ତ କିମ୍ବା କ୍ଲୀଷ୍ଟତାକୁ ସହ୍ୟ କରିଥିଲେ, ସେଥି ସଂକ୍ରାନ୍ତରେ ଏହା ଉଚିତ୍ ହେବ ନାହିଁ ଯେ, ଆର୍ଥିକ ଦୃଷ୍ଟିରୁ ଯଦି ଆପଣ ସ.ଅଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା ସେଇଥି ପାଇଁ ଆପଣ ସ.ଅ ଅଭାବ ଏବଂ କଷ୍ଟକୁ ସହ୍ୟ କରିଥିଲେ, ଆପଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିଲେ ତେଣୁ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଅର୍ଥ (ଧନ) ଦେଇ ନଥିଲେ । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଅସଂଖ୍ୟ ଧନ ଦୌଲତ ଦେଇ ଥିଲେ । କିନ୍ତୁ ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରେମ ଓ ତାହାଙ୍କ ଚର୍ଚ୍ଚାକୁ ଚୟନ କଲେ ଏବଂ ଦାରିଦ୍ର୍ୟ ଜୀବନ ଅତିବାହିତ କଲେ। କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ଆପଣ ସ.ଅ **ନାଉଜୁବିଲ୍ଲାଃ** ଅଲ୍ଲାଃତାଲାଙ୍କର ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରୁଥିଲେ । ଆପଣ ସ.ଅ ରନ୍ଧା ହୋଇଥିବା ସୁସ୍ୱାଦ ଖାଦ୍ୟ ମଧ୍ୟ ଖାଉଥିଲେ ଏବଂ ଅଲ୍ଲାଃତାଲାଙ୍କ କୃତଜ୍ଞତା ମଧ୍ୟ ଜ୍ଞାପନ କରୁଥିଲେ ।

**(ତଫସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-8, ପୃ-42-43ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଯେତେବେଳେ କୌଣସି ଆନନ୍ଦ, କୌଣସି ପ୍ରସନ୍ନତାମୂଳକ କଥାର ସମ୍ମୁଖୀନ ହେଉଥିଲେ କିମ୍ବା ଆପଣ ସ.ଅଙ୍କୁ କୌଣସି ଶୁଭ ସମାଚାର ଶୁଣାଇ ଦିଆଯାଉଥିଲା ସେତେବେଳେ ଆପଣ ସ.ଅ ତୁରନ୍ତ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ସିଜ୍‌ଦାରେ ପଡ଼ି ଯାଉଥିଲେ। **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଜିହାଦ୍, ବାବ୍- ଫିସ୍ ସୁଜୁଦିସ୍ ଶୁକ୍ରି, ହଦିସ୍ ନଂ-2774)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ସମ୍ମୁଖରେ ସକଳ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଏବଂ ତାହାଙ୍କ ପ୍ରେମ ଓ ପ୍ରଶଂସା ଏହିକି ଯେ, ତାହାଙ୍କ ଉପାସନା କରାଯାଉ, ତାହାଙ୍କ ସମ୍ମୁଖରେ ତୁରନ୍ତ ଆନତ ହେବା ଉଚିତ୍ ଓ ତାହାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ହେ ବରାଅ ! ତୁମେ ଯେତେବେଳେ ନିଜର ଶେଯକୁ ଯାଅ ସେତେବେଳେ ତୁମେ ନମାଜ୍‌ର ୱଜୁ ପରି ୱଜୁ କରିନିଅ । ଅର୍ଥାତ୍ ଶୋଇବା ପୂର୍ବରୁ ୱଜୁ କରିନେବା ଉଚିତ୍ । ପୁନଶ୍ଚ ନିଜର ଡାହାଣ ପଟରେ ଶୋଇବା ଉଚିତ୍ ଏବଂ ଦୁଆ ପାଠ କର । ସେହି ଦୁଆର ଅନୁବାଦ ଏହିପରି ଯେ, ହେ ଅଲ୍ଲାଃ ! ମୁଁ ନିଜକୁ ତୁମ୍ଭକୁ ହସ୍ତାନ୍ତର କରିଦେଲି । ମୁଁ ନିଜର କାର୍ଯ୍ୟକୁ ତୁମ୍ଭକୁ ହସ୍ତାନ୍ତର କରିଦେଲି ଏବଂ ତୁମ୍ଭକୁ ଭୟ କଲି ଏବଂ ତୁମ୍ଭ ପ୍ରତି ଆନ୍ତରୀକକତା ପ୍ରଦର୍ଶନ କରି ମୁଁ ତୁମ୍ଭକୁ ହିଁ ନିଜର ସାହା କଲି। ତୁମ୍ଭ ବ୍ୟତୀତ ଅନ୍ୟ କେହି ବି ଆଶ୍ରୟସ୍ଥଳୀ ନାହିଁ ଓ ନା ହିଁ ମୁକ୍ତିର ସ୍ଥାନ । ମୋକ୍ଷ ବା ମୁକ୍ତି କେବଳ ତୁମ୍ଭ ନିକଟରେ ହିଁ ରହିଛି । ମୁଁ ତୁମ୍ଭର ଏହି ଗ୍ରନ୍ଥ ଉପରେ ବିଶ୍ୱାସ ଆଣୁଛି ଯେଉଁ ଗ୍ରନ୍ଥକୁ ତୁମ୍ଭେ ଅବତୀର୍ଣ୍ଣ କରିଛ ଓ ତୁମ୍ଭର ସେହି ମହାବତାର ସ.ଅଙ୍କ ଉପରେ ମଧ୍ୟ ମୁଁ ବିଶ୍ୱାସ ଆଣୁଛି ଯାହାଙ୍କୁ ତୁମ୍ଭେ ପ୍ରେରଣ କରିଅଛ । ଆପଣ ସ.ଅ କହିଲେ, ହେ ବରାଅ! ଯଦି ତୁମେ ଏହି ଦୁଆକୁ ରାତ୍ର ସମୟରେ ଶେଯରେ ଯିବା ପୂର୍ବରୁ କଲ ଓ ସେହି ରାତ୍ରରେ ଯଦି ତୁମେ ମୃତ୍ୟୁବରଣ କର ତେବେ ତୁମ୍ଭର ମୃତ୍ୟୁ ସ୍ୱାଭାବିକ ମୃତ୍ୟୁ ହେବ । ଅତଏବ୍ ଏହି ବାଣୀକୁ ତୁମ୍ଭେ ନିଜର ଶେଷ ବାଣୀ କରିନିଅ । ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ କହିଲି, ମୁଁ ଏହି ବାଣୀଗୁଡ଼ିକୁ ମୁଖସ୍ତ କରିନେବି ଓ ମୁଁ ଆବୃତ୍ତି କରି କହିଲି, وَبِرَسُوْلِكَ الَّذِيْ أَرْسَلْتَ ଏହା ମଧ୍ୟ କହିବି ଯେ, ହେ ଈଶ୍ୱର ! ଯେଉଁ ବାର୍ତ୍ତାବହଙ୍କୁ ତୁମ୍ଭେ ପ୍ରେରଣ କରିଛ । ମୁଁ ଏହି ଶବ୍ଦକୁ ମଧ୍ୟ ସାମିଲ୍ କରିନେବି । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ନା । ତୁମେ ଏହା କୁହ ଯେ, وَبِنَبِيِّكَ الَّذِيْ أَرْسَلْتَ ଅର୍ଥାତ୍ ଯେଉଁ ବାର୍ତ୍ତାବହଙ୍କୁ ତୁମ୍ଭେ ତୁମ୍ଭେ ପ୍ରେରଣ କରିଅଛ ସେହି ବାର୍ତ୍ତାବହଙ୍କ ଉପରେ ମୁଁ ବିଶ୍ୱାସ ଆଣୁଛି । **(ସହି ମୁସଲିମ୍, ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-14, ପୃ-82-83, କିତାବୁଜ୍ ଜିକର୍ ୱଦ୍ ଦୁଆ.....ବାବ୍ ମା ୟକୁଲୁ ଇନ୍ଦନ୍ ନୌମି ୱ ଅଖ୍‌ଜଲ୍ ମଜାଯିଇ, ହଦିସ୍ ନଂ-4870, ନୁର୍ ଫାଉଣ୍ଡେସନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଆଁହଜରତ୍ ସ.ଅ ମୃତ୍ୟୁରୁ କେବେ ବି ଅବଚେତନ ରହୁ ନଥିଲେ । ଈଶ୍ୱରଙ୍କ ଭୟ ସର୍ବଦା ଆପଣ ସ.ଅଙ୍କ ଉପରେ ବିସ୍ତାରିତ ରହୁଥିଲା । ଏହି ଭୟ ଯୋଗୁଁ ଆପଣ ସ.ଅ ପ୍ରତ୍ୟେକ ଦିନ ଏହି ବିଶ୍ୱାସ ରଖି ଶୋଉଥିଲେ ଯେ, ସମ୍ଭବତଃ ଆଜି ମୃତ୍ୟୁ ଆସିଯିବ ଏବଂ ଆଜି ହିଁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମୋତେ ଉପସ୍ଥିତ ହେବାକୁ ପଡ଼ିବ । ସେଇଥି ପାଇଁ ଆପଣ ସ.ଅ ଏପରି ଏକ ଯାତ୍ରୀ ପରି ରହୁଥିଲେ ଯିଏ ଏହା ମନେକରୁଥିଲା ଯେ, ବର୍ତ୍ତମାନ ରେଳଗାଡ଼ି ଚାଲିଲା ଓ ଚାଲିଲା । ସେ କେବେ ବି ନିଜକୁ ଏପରି କାର୍ଯ୍ୟରେ ଫସାଏ ନାହିଁ ଯାହାକୁ ଛାଡ଼ିବା କଷ୍ଟକର ହେବ । ଟ୍ରେନ୍‌ରେ ଚଢିବାକୁ ହେଲେ ଯାତ୍ରୀ ଟ୍ରେନ୍‌ର ଅପେକ୍ଷା କରିଥାଏ । ଏପରି ନହେଉ ଯେ, ସେ ବିଳମ୍ବରେ ଆସୁ ଓ ଟ୍ରେନ୍ ବାହାରିଯାଉ। ସେଇଥି ପାଇଁ ସେ ଅପେକ୍ଷାରେ ରହିଥାଏ । ଅତଏବ୍ ଆପଣ ସ.ଅ ମଧ୍ୟ ପ୍ରତ୍ୟେକ ସମୟ ନିଜର ପ୍ରିୟତମଙ୍କ ପାଖକୁ ଯିବା ନିମନ୍ତେ ପ୍ରସ୍ତୁତ ରହୁଥିଲେ । ଯେଉଁ ସମୟ ବି ଅତିବାହିତ ହେଉଥିଲା ତାହାକୁ ଆପଣ ସ.ଅ ତାହାଙ୍କ ଅର୍ଥାତ୍ ଅଲ୍ଲାଃତାଲାଙ୍କ କୃପାର ପରିଣାମ ବୋଲି ମନେକରୁଥିଲେ ଓ ମୃତ୍ୟୁକୁ ଆପଣ ସ.ଅ ସର୍ବଦା ମନେ ରଖୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜେଫା ବିନ୍ ଅଲ୍ ୟମାନ୍ ର.ଅ କୁହନ୍ତି.......... ରସୁଲ୍ କରୀମ୍ ସ.ଅଙ୍କର ଏହି ଅଭ୍ୟାସ ଥିଲା ଯେ, ଆପଣ ସ.ଅ ଯେତେବେଳେ ନିଜର ଶେଯ ଉପରେ ବିଶ୍ରାମ ନେବା ପାଇଁ ଯାଉଥିଲେ ସେତେବେଳେ ଆପଣ ସ.ଅ ନିଜ ଗାଲ ତଳେ ପାପୁଲି ରଖୁଥିଲେ ଏବଂ କହୁଥିଲେ: "ହେ ମୋର ପ୍ରିୟ ଈଶ୍ୱର ! ମୋର ଜୀବନ ଓ ମୋର ମରଣ ସବୁକିଛି ତୁମ୍ଭରି ସକାଶେ ଅଟେ । ଯେତେବେଳେ ଆପଣ ସ.ଅ ଶୋଇକି (ନିଦରୁ) ଉଠୁଥିଲେ ସେତେବେଳେ ଆପଣ ସ.ଅ କହୁଥିଲେ ଯେ, ମୁଁ ମୋ ପାଳକର୍ତ୍ତାଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯିଏ ମୋତେ ଜୀବିତ କଲେ ଏବଂ ମୋତେ ମୃତ୍ୟୁ ପ୍ରଦାନ କଲେ ଓ ଆମେମାନେ (ମୁଁ) ତାହାଙ୍କ ଆଡ଼କୁ ହିଁ ଫେରିଯିବୁ । ଉକ୍ତ ଘଟଣାରୁ ଜ୍ଞାତ ହୁଏ ଯେ, ଆପଣ ସ.ଅ ପ୍ରତ୍ୟେକ ରାତ୍ର ଯେତେବେଳେ ଶେଯ ଉପରେ ଶୋଇ ଯାଉଥିଲେ ସେତେବେଳେ ନିଜ ପଟୁ ହିସାବ ସମାପ୍ତ କରି ଦେଉଥିଲେ ଏବଂ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଯେ, ହେ ଈଶ୍ୱର ! ମୁଁ ଯଦି ମୃତ୍ୟୁ ବରଣ କରେ ତେବେ ମଧ୍ୟ ତୁମ୍ଭ ପାଇଁ ମୋର ଜୀବନ ଉଦ୍ଦିଷ୍ଟ ହେଉ । ସେହିପରି ଆପଣ ସ.ଅ ଯେତେବେଳେ ନିଜରୁ ଉଠୁଥିଲେ ସେତେବେଳେ ଆପଣ ସ.ଅ ଈଶ୍ୱରଙ୍କ କୃତଜ୍ଞତା


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ଜ୍ଞାପନ କରି ତାହାଙ୍କ ପ୍ରଶଂସାଗାନ କରୁଥିଲେ । ଆପଣ ସ.ଅ କହୁଥିଲେ ଯେ, ହେ ଈଶ୍ୱର ! ମୁଁ ନିଜ ଠାରୁ ସଂସାରରୁ ପୃଥକ୍ ହୋଇ ସାରିଥିଲି । ତୁମ୍ଭରି କୃପା ହେଲା ଯେ, ତୁମ୍ଭେ ମୋତେ ପୁନଃ ଜୀବିତ କଲ ଏବଂ ମୋର ବୟସରେ କଲ୍ୟାଣ ପ୍ରଦାନ କଲ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେପରିକି ଉପରୋକ୍ତ ଦୁଆରୁ ଜ୍ଞାତ ହୁଏ ଯେ, ରସୁଲ୍ କରୀମ୍ ସ.ଅ ସର୍ବଦା ମୃତ୍ୟୁକୁ ସ୍ମରଣ ରଖିଥିଲେ ଠିକ୍ ସେହିପରି ନିମ୍ନୋକ୍ତ ଦୁଆ ମଧ ରହିଛି । ସେହି ଦୁଆ ଏହିପରି: "ଆପଣ ସ.ଅ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଶେଷ ମୁହୂର୍ତ୍ତ ବୋଲି ମନେକରୁଥିଲେ ଏବଂ ଯେତେବେଳେ ଆପଣ ସ.ଅ ଶୋଇବାକୁ ଲାଗୁଥିଲା ସେତେବେଳେ ଆପଣ ସ.ଅ ନିଜର ପାଳନକର୍ତ୍ତା ସମ୍ମୁଖରେ ନିଜର ପ୍ରସଙ୍ଗର ବିଚାର କରାଇ ନେଉଥିଲେ । ଅର୍ଥାତ୍ ଆପଣ ସ.ଅ ପ୍ରତ୍ୟେକ ପ୍ରକାରର ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ରହୁଥିଲେ । ସୁତରାଂ ହ. ବରାଅ ବିନ୍ ଆଜିବ୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି । ଆପଣ ର.ଅ କୁହନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ ନିଜର ଶେଯ ଉପରେ ଶୋଇଯାଉଥିଲେ ସେତେବେଳେ ଆପଣ ସ.ଅ ନିଜର ଦକ୍ଷିଣ (ଡାହାଣ) ପାର୍ଶ୍ୱରେ ଶୋଇ ଯାଉଥିଲେ । ପୁନଶ୍ଚ ଆପଣ ସ.ଅ କହୁଥିଲେ ଯେ, ହେ ମୋର ପାଳନକର୍ତ୍ତା ! ମୁଁ ନିଜର ପ୍ରାଣକୁ ତୁମ୍ଭକୁ ହସ୍ତାନ୍ତର କରୁଛି। ନିଜର ସମସ୍ତ ଧ୍ୟାନକୁ ତୁମ୍ଭ ଆଡ଼କୁ ହିଁ କରୁଛି । ମୁଁ ନିଜର ପ୍ରସଙ୍ଗ ତୁମ୍ଭ ହସ୍ତରେ ପ୍ରଦାନ କରୁଛି ଏବଂ ନିଜକୁ ମୁଁ ତୁମ୍ଭର ଶରଣରେ ଦେଇ ଦେଉଛି । ହେ ପ୍ରଭୁ ! ମୁଁ ତୁମ୍ଭର ଲାଭର ଆଶାବାଦୀ ଅଟେ। ତୁମ୍ଭର ମହିମା ଏବଂ ତୁମ୍ଭର ନିଃସ୍ପୃହତା ଠାରୁ ମୁଁ ଭୟଭୀତ ଅଟେ, ତୁମ୍ଭର କୋପ ଠାରୁ ବର୍ତ୍ତିବା ନିମନ୍ତେ ଅନ୍ୟ କୌଣସି ଆଶ୍ରୟସ୍ଥଳୀ ନାହିଁ ଓ ନା ହିଁ ମୋକ୍ଷ ପ୍ରାପ୍ତିର କୌଣସି ସ୍ଥାନ ରହିଛି । କିନ୍ତୁ ତୁମ୍ଭ ବ୍ୟତୀରେକ ଅନ୍ୟ କେଉଁଠି ବି ମୋକ୍ଷ ଓ ଆଶ୍ରୟ ସ୍ଥଳୀ ନାହିଁ। ମୁଁ ଉକ୍ତ ଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍) ଏବଂ ଉକ୍ତ ବାର୍ତ୍ତାବହଙ୍କ ଉପରେ ତୁମ୍ଭେ ଯାହାକିଛି ଅବତୀର୍ଣ୍ଣ କରିଅଛ । ତାହା ଉପରେ ମୁଁ ବିଶ୍ୱାସ ଆଣୁଛି ।" ଅତଏବ୍ ଆପଣ ସ.ଅ ଆମମାନଙ୍କୁ ଏହି ଦୁଆ ଶିଖାଇଥିଲେ ଏବଂ ଆପଣ ସ.ଅ ସ୍ୱୟଂ ମଧ ଉକ୍ତ ଦୁଆର ନିୟମାନୁବର୍ତ୍ତୀ ଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଲୋକମାନେ ନିଜର ଦୋକାନ ବନ୍ଦ କରିବା ସମୟରେ ହିସାବ କିତାବ କରିଥାଆନ୍ତି । ରାତ୍ରରେ ବ୍ୟବସାୟୀ ଲୋକମାନେ ନିଜର ହିସାବ କିତାବ ବନ୍ଦ କରି ଶୋଇଥାଆନ୍ତି । କିନ୍ତୁ ଈଶ୍ୱରଙ୍କ ସହିତ ସେମାନଙ୍କର ଯେଉଁ ହିସାବ ରହିଛି ତାହାକୁ ସେମାନେ କ୍ଲିୟର୍ କରନ୍ତି ନାହିଁ । ସେମାନେ ଏଥିପ୍ରତି ଭୃକ୍ଷେପ କରନ୍ତି ନାହିଁ । କିନ୍ତୁ ସେହି ମନୁଷ୍ୟ କେଡ଼େ ପବିତ୍ର ମନୁଷ୍ୟ ଥିଲା ଯିଏ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଈଶ୍ୱରଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ନିମଗ୍ନ ରହୁଥିଲା ଏବଂ ସ୍ୱୟଂ ତାହାକୁ ସମ୍ପାଦନ କରୁ ନଥିଲା । ବରଂ ସହସ୍ର ସହସ୍ର ନିରୀକ୍ଷଣ ମଧ ସାଙ୍ଗରେ କରୁଥିଲା । କାରଣ ସେମାନେ ବି ନିଜର କର୍ତ୍ତବ୍ୟକୁ ସମ୍ପାଦନ କରନ୍ତି ଅବା ନୁହେଁ ? ଆଁହଜରତ୍ ସ.ଅ ରାତ୍ର ସମୟରେ ଶୋଇବା ପୂର୍ବରୁ ନିଜର ପୂର୍ବ ସକଳ ଉଦ୍ୟମ ଏବଂ ଉପାସନା ସହିତ ଆଖି ବନ୍ଦ କରି ବିନୀତମୂଳକ ନିବେଦନ ନିଜର ପରମେଶ୍ୱରଙ୍କ ସମ୍ମୁଖରେଏହିପରି ହିସାବର କିତାବ କରିବା ନିମନ୍ତେ ଛିଡ଼ା ହୋଇଯାଉଥିଲେ । କାରଣ ସେ କୌଣସି ସେବା ହିଁ କରି ନାହାନ୍ତି ଏବଂ ଯେପର୍ଯ୍ୟନ୍ତ ଆପଣ ସ.ଅ ନିଜର ପ୍ରାଣକୁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କୁ ହସ୍ତାନ୍ତର କରି ଦେଉ ନଥିଲେ ଏବଂ ସଂସାର ଓ ସଂସାର ମଧରେ ବସ୍ତୁ ଠାରୁ ଅନାସକ୍ତ, ବୈରାଗ୍ୟଭାବ ବ୍ୟକ୍ତି କରିଦେଉ ନଥିଲେ ତଥା ଈଶ୍ୱରଙ୍କ ହସ୍ତରେ ନିଜର ହସ୍ତକୁ ଦେଇ ଦେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ଶୋଉ ନଥିଲେ । ଅର୍ଥାତ୍ ବିଶ୍ରାମ ନେଉ ନଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମୁସ୍‌ଲେହ୍ ମଉଦ୍ ର.ଅ, ଗ୍ରନ୍ଥଖଣ୍ଡ-1, ପୃ-83-85)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ସକାଳ ନମାଜ୍ ଠାରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରୁଥିବା ବ୍ୟକ୍ତିମାନଙ୍କ ସହିତ ବସିବା ମୋତେ ଇସ୍‌ମାଇଲ୍ ଅ.ସଙ୍କ ସନ୍ତାନମାନଙ୍କ ଅପେକ୍ଷା 4 ଜଣ ଦାସ ମୁକ୍ତର କରିବା ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ । ସେହିପରି ପ୍ରତ୍ୟେକ ଅସର୍ ନମାଜ୍ ଠାରୁ ଆରମ୍ଭ କରି ସୂର୍ଯ୍ୟ ଅସ୍ତ ହେବା ପର୍ଯ୍ୟନ୍ତ ଆପଣ ସ.ଅ ଈଶ୍ୱର ଚର୍ଚ୍ଚାକାରୀମାନଙ୍କ ସହିତ ବସିବା ମୋତେ 4ଟି ଦାସ ମୁକ୍ତ କରିବା ଅପେକ୍ଷା ଅଧିକ ପ୍ରିୟ ଓ ଶ୍ରେୟସ୍କର ଅଟେ । **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଇଲ୍‌ମି, ବାବ୍- ଫିଲ୍ କସସି, ହଦିସ୍ ନଂ-2774)**

ହୁଜୁର ଅନ୍ୱର ଅ.ବ କହିଲେ, ଅଲ୍ଲାଃତାଲାଙ୍କ ପ୍ରତି ଥିବା ପ୍ରେମ ଯୋଗୁଁ ଅଲ୍ଲାଃତାଲା ପ୍ରେମିକମାନଙ୍କୁ ଏବଂ ତାହାଙ୍କର ଚର୍ଚ୍ଚାକାରୀମାନଙ୍କୁ ହ. ଇସ୍‌ମାଇଲ୍ ଅ.ସଙ୍କ ସନ୍ତାନ, ନିଜର ସଂପର୍କୀୟ, ନିଜର ନିକଟ ସଂପର୍କୀୟମାନଙ୍କ ଉପରେ ଅଗ୍ରାଧିକାରୀ ଦେଇଛନ୍ତି ଏବଂ ସେହି ସମସ୍ତଙ୍କର ଦାସତ୍ୱ ତ' ସହ୍ୟ ହୋଇପାରିବ କିନ୍ତୁ ଏହି ବିରହ ସହ୍ୟ ହୋଇପାରିବ ନାହିଁ । ଏକିପରି ସମ୍ଭବ ଯେ, ଯେଉଁଠି ଅଲ୍ଲାଃତାଲାଙ୍କ ନାମର ଚର୍ଚ୍ଚା ହେଉଥିବ, ଅଲ୍ଲାଃତାଲାଙ୍କ ପ୍ରମର ଚର୍ଚ୍ଚା ହେଉଥିବ ଓ ମୁଁ ସେହି ସଭାରୁ ଦୂରେଇ ଯିବି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃ ! ଅଲ୍ଲାଃ ! ଈଶ୍ୱର ପ୍ରେମର କି ମର୍ଯ୍ୟାଦା ଯେ, ଆପଣ ସ.ଅ ଲୋକମାନଙ୍କ ମଧରେ ସେହି ଈଶ୍ୱର ପ୍ରେମ ସୃଷ୍ଟି କଲେ ଓ ସ୍ୱୟଂ ନିଜ ମଧରେ ଏହି ମର୍ଯ୍ୟାଦାକୁ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛନ୍ତି । ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଥିବା ଯୋଗୁଁ ସର୍ବଦା ଈଶ୍ୱର ଚର୍ଚ୍ଚା ଆପଣ ସ.ଅଙ୍କଅତି ପ୍ରିୟ ଚର୍ଚ୍ଚା ଥିଲା । ପୁନଶ୍ଚ ନିଜର ଅନୁଗାମୀନଙ୍କୁ ଉପଦେଶ ଦେଇ ଆପଣ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ଈଶ୍ୱର ଚର୍ଚ୍ଚା ଏବଂ ତାହାଙ୍କ ପ୍ରେମରେ ସର୍ବଦା ନିମଗ୍ନ ରୁହ । ଆପଣ ସ.ଅ କହିଲେ, : "ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ପ୍ରିୟ କର୍ମ ଏହିକି ଯେ, ତୋର ମୃତ୍ୟୁ ଏପରି ସମୟ ଓ ଅବସ୍ଥାରେ ଆସୁ କି ତୋ ତୁଣ୍ଡ ତାହାଙ୍କ ଚର୍ଚ୍ଚ ଦ୍ୱାରା ଆର୍ଦ୍ର ରହିବା ଉଚିତ୍ ।" **(ଆଲ୍ ଯାମିଉସ୍ ସଗିର୍, ଲିସ୍ ସୁୟୁତି, ଗ୍ରନ୍ଥଖଣ୍ଡ-1, ପୃ-19, ହର୍ଫୁଲ୍ ହମଜା, ହଦିସ୍ ନଂ-198ସ ଦାରୁଲ୍ କୁତୁବୁଓଲ୍ ଇଲମିୟାହ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ଦର୍ଦ୍ଦା ର.ଅ ବର୍ଣ୍ଣନା କରନ୍ତି ଯେ ନବୀ କରୀମ୍ ସ.ଅ କହିଲେ, ହେ ସାହାବାମାନେ ମୁଁ ତୁମମାନଙ୍କୁ ଏପରି କୃତ୍ୟ ସଂପର୍କରେ ଅବଗତ କରିବି ନାହିଁ ଯାହା ସର୍ବୋତ୍ତମ ଅଟେ, ସେହି ପ୍ରସଙ୍ଗ ତୁମର ମାଲିକ ନିକଟରେ ସର୍ବାଧିକ ପବିତ୍ର ଅଟେ, ତୁମର ସ୍ତରକୁ ଅଭିବୃଦ୍ଧିକାରୀ ଅଟେ ଏବଂ ତୁମମାନଙ୍କର ନିମନ୍ତେ ସ୍ୱର୍ଣ୍ଣ ଏବଂ ରୌପ୍ୟ (ରୂପା) ବ୍ୟୟ କରିବା ଅପେକ୍ଷା ସର୍ବୋତ୍ତମ ତଥା ଅଧିକ ଶ୍ରେୟସ୍କର ଅଟେ । ତାହା ଉକ୍ତ କଥା ଅପେକ୍ଷା ଉତ୍ତମ ଅଟେ ଯେ, ତୁମେମାନେ ଶତ୍ରୁ ସହିତ ମୁହାଁମୁହିଁ ହୁଅ । ତେଣୁ ତୁମେମାନେ ସେମାନଙ୍କର ସ୍କନ୍ଧଚ୍ୟୁତ କର ଏବଂ ସେମାନେ ତୁମର ସ୍କନ୍ଧ ଚ୍ୟୁତ କରିବେ। ଅର୍ଥାତ୍ ଶତ୍ରୁ ସହିତ ଯେତେବେଳେ ମୁହାଁମୁହିଁ ହୁଅ ସେତେବେଳେ ରକ୍ତପାତ, ହତ୍ୟା ବିଭୀଷିକା, ଯୁଦ୍ଧ ହେବ, ଯାହାକୁ ତୁମେମାନେ ନିଃସନ୍ଦେହ ରୂପେ ଜିହାଦର୍ ଆଖ୍ୟା ପ୍ରଦାନ କରିଦିଅ । ତେଣୁ ଓ ମୁଁ ତୁମମାନଙ୍କୁ ଯାହା କହୁଛି ତାହା ଉତ୍ତମ ଓ ଉତ୍କୃଷ୍ଟ ଅଟେ। ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବଶ୍ୟ କୁହନ୍ତୁ।" ଆଜିକାଲି ମୁସଲମାନମାନେ ତ' ଏହା କୁହନ୍ତି ଯେ, ଜିହାଦ୍ ସର୍ବୋତ୍ତମ ଅଟେ, ସ୍କନ୍ଧଚ୍ୟୁତ କର, ସେମାନେ ଶତ୍ରୁର ସ୍କନ୍ଧଚ୍ୟୁତ କରନ୍ତି ନାହିଁ ବରଂ ନିଜ ଲୋକମାନଙ୍କର ହିଁ ସ୍କନ୍ଧଚ୍ୟୁତ କରିଥାଆନ୍ତି । ଏହି କୃତ୍ୟ ସବୁଠୁ ବଡ଼ ଓ ମହାପାପ ଅଟେ । ସେ ଯାହା ହେଉ ଆଁହଜରତ୍ ସ.ଅ ଯେଉଁ ପ୍ରସଙ୍ଗ କହୁଛନ୍ତି ତାହା ଏହିକି ଯେ, "ମୁଁ ତୁମମାନଙ୍କୁ ଯେଉଁ କଥା କହୁଛି ତାହା ସର୍ବୋତ୍ତମ ଅଟେ । ତାହା ଏହିକି ଯେ, ତୁମେମାନେ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କର । ଏହା ସମସ୍ତ ଜିହାଦ୍ ଅପେକ୍ଷା ସର୍ବୋତ୍କୃଷ୍ଟ ଜିହାଦ୍ ଅଟେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ମୁସଲମାନମାନଙ୍କ ଉପରେ ଏହି ମଥ୍ୟାରୋପ କରାଯାଏ ଯେ, ମୁସଲମାନମାନେ ଜିହାଦ୍ ଜିହାଦ୍ ସ୍ଲୋଗାନ ହେଉଛନ୍ତି । ଜିହାଦ୍‌ର ଶିକ୍ଷା ତ' ରହିଛି । କିନ୍ତୁ ମୁସଲମାନେ ନିଜର ଲୋକମାନଙ୍କର ପ୍ରାଣହାନୀ ଘଟାଇ ଥାଆନ୍ତି । ଅତଏବ୍ ହ. ମୁଆଜ୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଅପେକ୍ଷା ଅନ୍ୟ କୌଣସି ପ୍ରସଙ୍ଗ ବା ବସ୍ତୁ ଅଲ୍ଲାଃତାଲାଙ୍କ ଶାସ୍ତି ଠାରୁ ମୁକ୍ତି ପ୍ରଦାନ କରିପାରିବ ନାହିଁ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅଦବ୍, ବାବ୍-ଫଜ୍‌ଲୁଜ୍ ଜିକ୍ରି ହଦିସ୍ ନଂ-3790)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଯଦି କରାଯାଏ ତେବେ ଅନେକ ପ୍ରକାରର କଥା (ପ୍ରସଙ୍ଗ) ଏବଂ ଶାସ୍ତିରୁ ଅଲ୍ଲାଃତାଲା ତୁମମାନଙ୍କୁ ମୁକ୍ତି ପ୍ରଦାନ କରିବେ । ଅଲ୍ଲାଃତାଲାଙ୍କ ପ୍ରେମ ଯୋଗୁଁ ଅଲ୍ଲାଃତାଲାଙ୍କର ଚର୍ଚ୍ଚା ଆପଣ ସ.ଅଙ୍କ ଅତି ପ୍ରିୟ ପ୍ରସଙ୍ଗ ରହିଥିଲା । ସୁତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ମୁଁ ଯଦି ସୁବହାନଲ୍ଲାଃ କହିବି (ଅଲ୍ଲାଃତାଲା ପବିତ୍ର ଅଟନ୍ତି) । ୱଲ୍ ହମ୍‌ଦୁ ଲିଲ୍ଲାଃ (ଅଲ୍ଲାଃତାଲାଙ୍କ ନିମନ୍ତେ ସକଳ ପ୍ରଶଂସା ଉଦ୍ଦିଷ୍ଟ ଅଟେ) ଓ ୱଲା ଇଲାହା ଇଲ୍ଲଲ୍ଲାଃହୁ (ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସନ୍ୟ ନୁହନ୍ତି) । ୱଲ୍ଲାଃହୁ ଅକ୍‌ବର୍ (ଅଲ୍ଲାଃତାଲା ହିଁ ସବୁଠୁ ମହାନ୍ ଅଟନ୍ତି) । ତେବେ ଏହି ବାଣୀଗୁଡ଼ିକ ମୋତେ ପ୍ରତ୍ୟେକ ସେହି ବସ୍ତୁ ଅପେକ୍ଷା ଅଧିକ ପ୍ରିୟ ଯେଉଁ ବସ୍ତୁ ଉପରେ ସୂର୍ଯ୍ୟୋଦୟ ହୋଇଥାଏ । **(ସହି ମୁସଲିମର ଅନୁବାଦ୍, ଗ୍ରନ୍ଥଖଣ୍ଡ-14, ପୃ-66, କିତାବୁଜ୍ ଜିକ୍ରି ୱଦ୍‌ଦୁଆଇ.......ବାବ୍-ଫଜ୍‌ଲୁତ୍ ତହ୍‌ଲିଲି ୱତ୍**


### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

**ତସ୍‌ବିହି ୱଦ୍ ଦୁଆଇ, ହଦିସ୍ ନଂ-4847, ନୁର୍ ଫାଉଣ୍ଡେସନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ମଧ୍ୟରେ ଈଶ୍ୱର ପ୍ରେମର ଉତ୍ସାହ ଏପରି ଥିଲା ଯେ, ଆପଣ ସ.ଅ ନିଜ ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ଆପଣ ସ.ଅଙ୍କ ପବିତ୍ର ତୁଣ୍ଡରୁ ସେହି ପ୍ରକୃତ ପ୍ରିୟତମଙ୍କ ନାମ ନିଃସୃତ ହେଉଥିଲା । ସେହି କାରଣରୁ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅ ସୁସ୍ଥ ଥିଲେ ସେତେବେଳେ ଆପଣ ସ.ଅ କହୁଥିଲେ ଯେ, ଯେତେବେଳେ କୌଣସି ଅବତାର ମୃତ୍ୟୁବରଣ କରେ ସେତେବେଳେ ସେ ଯେପର୍ଯ୍ୟନ୍ତ ବୈକୁଣ୍ଠରେ ନିଜର ଠିକଣା (ସ୍ଥାନ) ଦେଖି ନେଇ ନାହିଁ ସେପର୍ଯ୍ୟନ୍ତ ସେ ମୃତ୍ୟୁବରଣ କରିବ ନାହିଁ । ତତ୍ପରେ ସେହି ଅବତାରକୁ ଚୟନ କରିବାର ଅଧିକାର ଦିଆଯାଇଥାଏ । ହ. ଆଏଶା ର.ଅ କୁହନ୍ତି, ଆପଣ ସ.ଅ ଏକଥା କହିଲେ, ଯେ, ଆଚ୍ଛା ଅବତାରକୁ ତା'ର ଠିକଣା ଦେଖାଇ ଦିଆଯାଇଥାଏ ? ପୁନଶ୍ଚ ଯେତେବେଳେ ଆପଣ ସ.ଅଙ୍କ ଅନ୍ତିମ ସମୟ ପାଖେଇ ଆସିଲା ଏବଂ ଆପଣ ସ.ଅ ନିଜର ପବିତ୍ର ମୁଣ୍ଡକୁ ମୋ ଜଂଘ ଉପରେ ରଖିଥିଲେ । ହ. ଆଏଶା ର.ଅ କୁହନ୍ତି ଯେ, ଆପଣ ସ.ଅ ଅଚେତ୍ ହୋଇଗଲେ, ପୁନଶ୍ଚ ଆପଣ ସ.ଅଙ୍କର ଚେତା ଫେରିଲା ଓ ଘରର ଛାତ (ଚାଳ) ଆଡ଼କୁ ଆପଣ ଦେଖୁଥିଲେ । ଅତଏବ୍ ଆପଣ ସ.ଅ କହିଲେ, اَللّٰهُمَّ الرَّفِيْقَ الْاَعْلٰى ହେ ସର୍ବୋଚ୍ଚ ମିତ୍ର ! ମୁଁ କହିଲି (ହ. ଆଏଶା ର.ଅ) ଉକ୍ତ କଥାରୁ ତ' ଏହା ଜଣା ପଡୁଛି ଯେ, ବର୍ତ୍ତମାନ ଆପଣ ସ.ଅ ଆମମାନଙ୍କୁ ଆଉ ଚୟନ କରିବା ପାଇଁ ଅଧିକାର ଦେବେ ନାହିଁ । ବର୍ତ୍ତମାନ ଆପଣ ସ.ଅ ତ' ଅଲ୍ଲାଃତାଲାଙ୍କ ପାଖକୁ ଯାଉଛନ୍ତି । ତେଣୁ ମୁଁ ବୁଝିନେଲି ଯେ, ଏ ହେଉଛି ସେହି କଥା ଯେଉଁ କଥା ଆପଣ ସ.ଅ ସ୍ୱାସ୍ଥ୍ୟାବସ୍ଥାର ବର୍ଣ୍ଣନା କରୁଥିଲେ । ଅର୍ଥାତ୍ ସ୍ୱାସ୍ଥ୍ୟାବସ୍ଥାରେ ଆପଣ ସ.ଅଙ୍କୁ ଅଲ୍ଲାଃତାଲା ଦୁଇଟି ବିକଳ୍ପ ବାଛିବା ନିମନ୍ତେ ଅଧିକାର ଦେଇଥିଲେ । ତନ୍ମଧ୍ୟରୁ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଡ଼କୁ ଯିବା ନିମନ୍ତେ ବିକଳ୍ପଟି ଚୟନ କଲେ । ହ. ଆଏଶା ର.ଅ କୁହନ୍ତି ଯେ, ଆଁହଜରତ୍ ସ.ଅ ଯେଉଁ ଶେଷ କଥା ବର୍ଣ୍ଣନା କଲେ ତାହା ଏହା ଥିଲା ଯେ, اَللّٰهُمَّ الرَّفِيْقَ الْاَعْلٰى ଏହି ଶେଷ ଶବ୍ଦ ଆପଣ ସ.ଅଙ୍କ ତୁଣ୍ଡରୁ ନିଃସୃତ (ବାହିରି) ହୋଇଥିଲା । **(ସହିହୁଲ୍ ବୁଖାରୀ, ଗ୍ରନ୍ଥଖଣ୍ଡ-9, ପୃ-351, କିତାବୁଲ୍ ମୁଗାଜି, ବାବ୍-ଆଖିରୁ ମା ତକଲ୍ଲମା ବିହିନ୍ ନବୀୟୁ ସ.ଅ, ହଦିସ୍ ନଂ-4463, ନଜାରତ୍ ଇଶାଅତ୍)**

ହ. ଆଏଶା ର.ଅ ଆଉ ଏକ ସ୍ଥାନରେ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲା ମୋ ଉପରେ ଯେଉଁ ଅବଦାନ (ପୁରସ୍କାର, ଉପକାର) କରିଥିଲେ ତନ୍ମଧ୍ୟରୁ ଗୋଟିଏ ଅବଦାନ ଏହିକି ଯେ, ଯେଉଁ ଦିନ ଆପଣ ସ.ଅ ଇହଲୀଳା ସମ୍ବରଣ କରିଥିଲେ (ବିୟୋଗ ହୋଇଥିଲା) ସେଦିନ ଆଁହଜରତ୍ ସ.ଅଙ୍କର ମୋ ଘରେ ପାଳି ଥିଲା । ମୋ ଛାତି ମଧ୍ୟସ୍ଥ ଥିବା ଲାଳ ଓ ଆଁହଜରତ୍ ସ.ଅଙ୍କ ଲାଳକୁ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ବିୟୋଗ ସମୟରେ ଏକତ୍ରିତ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ଲାଳ ଏକତ୍ରିତ କରିବାର ସ୍ପଷ୍ଟୀକରଣ ଏହିପରି ପ୍ରଦାନ କିରଛନ୍ତି ଯେ, ହ. ଅବ୍ଦୁର୍ ରହମାନ୍ ର.ଅ ମୋ ପାଖକୁ ଆସିଲେ । ତାଙ୍କ ହାତରେ ମିସ୍‌ୱାକ୍ ଥିଲା ଏବଂ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ସାହାରେ ଦେଉଥିଲି । ମୁଁ ଦେଖିଲି ଯେ, ଆପଣ ସ.ଅ ମିସ୍‌ୱାକ୍ ଆଡ଼କୁ ଦେଖୁଛନ୍ତି ଏବଂ ଆପଣ ସ.ଅ ମିସ୍‌ୱାକ୍ କରିବା ପସନ୍ଦ କରୁଥିଲେ । ତେଣୁ ମୁଁ କହିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ଏହି ମିସ୍‌ୱାକ୍ (ଦାନ୍ତକାଠି) ଆପଣ ସ.ଅଙ୍କ ପାଇଁ ଆଣିବି କି ? ଆପଣ ସ.ଅ ମୁଣ୍ଡ ହଲାଇ ଇଙ୍ଗିତ କଲେ । ମୁଁ ସେହି ମିସ୍‌ୱାକ ଆପଣ ସ.ଅଙ୍କୁ ଯେତେବେଳେ ଦେଲି ସେତେବେଳେ ତାହା (ମିସ୍‌ୱାକ୍) ଆପଣ ସ.ଅଙ୍କୁ ଟିକିଏ ଟାଣ ଲାଗିଲା । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ଏହି ମିସ୍‌ୱାକକୁ ଆପଣ ସ.ଅଙ୍କ ସକାଶେ ଟିକେ ନରମ କରିଦେବି କି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ ମୁଣ୍ଡ ହଲାଇ ହଁ ଇଙ୍ଗିତ କଲେ । ଆପଣ ସ.ଅଙ୍କ ସମ୍ମୁଖରେ ଛୋଟ ବାସନ ଥିଲା । ମୁଁ ସେହି ମିସ୍‌ୱାକ୍‌କୁ ନିଜ ପାଟିରେ ପକାଇ ନରମ କଲି । ଆପଣ ସ.ଅଙ୍କ ସମ୍ମୁଖରେ ଛୋଟିଆ ବାସନ ଥିଲା କିମ୍ବା ବଡ଼ ବାସନଟିଏ ଥିଲା । ବର୍ଣ୍ଣନାକାରୀଙ୍କ ବାସନ ଆକାର ସଂପର୍କରେ ସନ୍ଦେହ ରହିଛି । ସେ ଯାହା ହେଉ ଆପଣ ସ.ଅଙ୍କ ସମ୍ମୁଖରେ ବାସନରେ ପାଣି ରହିଥିଲା । ଆପଣ ସ.ଅ ନିଜ ହାତକୁ ପାଣି ବୁଡ଼ାଉଥିଲେ ଏବଂ ତାକୁ ନିଜର ପବିତ୍ର ମୁଖମଣ୍ଡଳରେ (ଚେହେରାରେ) ବୁଲାଉଥିଲେ । ଆପଣ ସ.ଅ କହୁଥିଲେ ଯେ, لَا إِلٰهَ إِلَّا اللّٰهُ إِنَّ لِلْمَوْتِ سَكَرَاتٍ ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ନିଃସନ୍ଦେହ ମୃତ୍ୟୁର ଯନ୍ତ୍ରଣା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ ଏବଂ ଆପଣ ସ.ଅ କହିବାକୁ ଲାଗିଲେ ଯେ, فِي الرَّفِيْقِ الْاَعْلٰى ଅର୍ଥାତ୍ ସର୍ବୋଚ୍ଚ ମିତ୍ରଙ୍କ ଆଡ଼କୁ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ବିୟୋଗ ହୋଇଗଲା ଏବଂ ଆପଣ ସ.ଅଙ୍କ ହାତ ଆନତ (ନଇଁ ପଡ଼ିଲା) ହୋଇଗଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ମରଜନ୍ ନବୀୟୁ ସ.ଅ ୱ ୱଫାତୁହୁ, ହଦିସ୍ ନଂ-4449)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କୁ ଈଶ୍ୱର ଶେଷ ସମୟରେ ଚୟନ କରିବାର ଅଧିକାର ପ୍ରଦାନ କରିଥିଲେ । ଅର୍ଥାତ୍ ଅଲ୍ଲାଃତାଲା କହିଲେ, ହେ ମୁହମ୍ମଦ୍ ! ତୁମେ ଯଦି ଚାହୁଁଛ ତେବେ ତୁମ୍ଭେ ସଂସାରରେ ରହିପାର, ଆଉ ଯଦି ତୁମେ ମୋ ଆଡ଼କୁ ଆସିବାକୁ ଚାହୁଁଛ ତେବେ ତୁମେ ମୋ ଆଡ଼କୁ ଆସିଯାଅ । ଆପଣ ସ.ଅ କହିଲେ, ହେ ମୋର ପାଳନକର୍ତ୍ତା ! ମୁଁ ଏହା ଚାହୁଁଛି ଯେ, ମୁଁ ତୁମ୍ଭ ଆଡ଼କୁ ଆସିବି (ଅର୍ଥାତ୍ ମୁଁ ତୁମ୍ଭ ଆଡ଼କୁ ଆସିବାକୁ ଚାହୁଁଛି) । ଯେଉଁ ଶେଷ ବାଣୀ ଉଚ୍ଚାରିତ କରି ଆପଣ ସ.ଅଙ୍କ ପବିତ୍ର ପ୍ରାଣବାୟୁ ଉଡ଼ି ଯାଇଥିଲା, ତାହା ଏହା ଥିଲା ଯେ, بِالرَّفِيْقِ الْاَعْلٰى ଅର୍ଥାତ୍ ବର୍ତ୍ତମାନ ମୁଁ ଆଉ ଏହି ସ୍ଥାନ (ଏହି ସଂସାରରେ) ରହିବାକୁ ଚାହୁଁ ନାହିଁ । ମୁଁ ନିଜ ପରମେଶ୍ୱରଙ୍କ ପାଖକୁ ଯିବାକୁ ଚାହୁଁଛି ।"

**(ନୁରୁଲ୍ କୁରଆନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-9, ପୃ-411)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କୁ ଈଶ୍ୱର ଶେଷ ସମୟରେ ଚୟନ କରିବାର ଅଧିକାର ପ୍ରଦାନ କରିଥିଲେ । ଅର୍ଥାତ୍ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଦୁଇଟି ବିକଳ୍ପ ଦେଇଥିଲେ ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ଯଦି ଇଚ୍ଛୁକ ଅଟନ୍ତି ତେବେ ଆପଣ ସ.ଅ ଏହି ସଂସାରରେ ରୁହନ୍ତୁ ନଚେତ ମୋ ପାଖକୁ ଚାଲି ଆସନ୍ତୁ । ଯଦି ଆପଣ ଜୀବନ ଚାହୁଁଛନ୍ତି ତେବେ ଏହି ସଂସାରରେ ରୁହନ୍ତୁ । ଆଉ ଯଦି ଆପଣ ନିଜର ପାଳନକର୍ତ୍ତାଙ୍କ ପାଖକୁ ଫେରିବାକୁ ଚାହୁଁଛନ୍ତି ତେବେ ଆପଣ ସ.ଅ ଫେରି ଯାଆନ୍ତୁ । କିନ୍ତୁ ଆଁହଜରତ୍ ସ.ଅ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ସୁନ୍ଦର ଉତ୍ତର ପ୍ରଦାନ କରିଥିଲେ । ଆପଣ ସ.ଅ ଅଲ୍ଲାଃତାଲାଙ୍କୁ ଏହି ଉତ୍ତର ଦେଲେ ଯେ, ହେ ପରମେଶ୍ୱର (ଅଲ୍ଲାଃ) ! ମୁଁ ବର୍ତ୍ତମାନ ଏହି ସଂସାରରେ ରହିବାକୁ ଚାହୁଁ ନାହିଁ । ତେଣୁ ଆପଣ ସ.ଅ ଅଲ୍ଲାଃତାଲାଙ୍କ ପାଖକୁ ଚାଲିଗଲେ । اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ وَّبَارِكْ وَسَلِّمْ اِنَّكَ حَمِيْدٌ مَّجِيْدٌ

**(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 20 ଫେବୃୟାରୀ 2026 ମସିହା, ପୃ-2-8)**

☆☆☆

## ସିରତ୍ ଖାତମୁନ୍ ନବୀୟିନ୍ ସ.ଅ

ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ

### ଆରବ ଦେଶ ଓ ତା'ର ଅଧିବାସୀ

**ମହିଳାମାନଙ୍କର ଅସ୍ତିତ୍ୱ ଓ ସ୍ଥିତାବସ୍ଥା:**

ଆରବରେ ମହିଳାମାନଙ୍କର ସାମୂହିକ ଅବସ୍ଥା ଭଲ ନଥିଲା । ଅର୍ଥାତ୍ ଅତ୍ୟନ୍ତ ଶୋଚନୀୟ ଥିଲା । ନିଃସନ୍ଦେହ ରୂପେ ମହିଳାକୁ ନିଜର ସ୍ୱାମୀକୁ ବାଛିବାର ଅଧିକାର ଥିଲା । କିନ୍ତୁ ଏହି ଅଧିକାର ବା ଚୟନ ବ୍ୟତୀରେକ ଅନ୍ୟ ସମସ୍ତ ଅଧିକାରରୁ ସେ ବଞ୍ଚିତ ଥିଲା । ତାକୁ ଅନ୍ୟ କୌଣସି ଅଧିକାର ଦିଆଯାଉ ନଥିଲା । ହଁ ଚତୁର ଏବଂ ବୁଦ୍ଧିମାନ ମହିଳାମାନେ ନିଜ ସ୍ୱାମୀଙ୍କ ଉପରେ ସୁପ୍ରଭାବ ପକାଉଥିଲେ । ଯୁଦ୍ଧରେ ମହିଳାମାନେ ସାଙ୍ଗରେ ଯିବାର ଚର୍ଚ୍ଚା ସଂପର୍କରେ ମଧ୍ୟ ବର୍ଣ୍ଣନା କରାଯାଇ ସାରିଛି। ସେମାନଙ୍କର କାର୍ଯ୍ୟ ଉତ୍ତେଜିତ ଓ ସ୍ୱାଭିମାନୀତ କରିବା ଏବଂ ଆହତମାନଙ୍କର ସେବା ଶୁଶ୍ରୁଷା କରିବା ଥିଲା । ମହିଳାମାନେ କବିତା ମଧ୍ୟ କହୁଥିଲେ । ତେଣୁ ଅଶିକ୍ଷିତ ଯୁଗରେ ଖ୍ନସା ନମାକ ଜନୈକା (ଜଣେ) ବିଖ୍ୟାତ ମହିଳା କବୈୟିତ୍ରୀ ଥିଲା ଯିଏ ପରବର୍ତ୍ତୀ ସମୟରେ ମୁସଲମାନ ହୋଇଯାଇଥିଲା ।

ମହିଳାମାନଙ୍କ ମଧ୍ୟରେ ପରଦା ପ୍ରଥା ନଥିଲା । ବରଂ ସେମାନେ ମୁକ୍ତ ଭାବରେ ବିଚରଣ କରୁଥିଲେ । ପତ୍ନିମାନଙ୍କର ସଂଖ୍ୟାର କୌଣସି ସୀମା ନଥିଲା । ଯିଏ ଯେତେ ପାରିଲା ସେତେ ସିଏ ବହୁ ପତ୍ନି ବିବାହ କରି ପାରିଲା ଓ ପତ୍ନିକୁ ନିଜ ପାଖରେ ରଖି ପାରିଲା । ବେଳେବେଳେ ପିତାଙ୍କ ଦ୍ୱାରା ବିବାହିତ ପତ୍ନି ଉପରେ ପୁତ୍ର ଉତ୍ତରାଧିକାରୀ ରୂପେ ଅଧିକାର କରି ନେଉଥିଲା । ଜଣେ ବ୍ୟକ୍ତି ଦୁଇ ଜଣ ଭଉଣୀମାନଙ୍କ ସହିତ ଏକ ସମୟରେ ବିବାହ କରି ନେଉଥିଲା । କିନ୍ତୁ ଏସବୁ ପ୍ରସଙ୍ଗରୁ ଆରବ୍ୟ ସଭ୍ୟ ବ୍ୟକ୍ତିମାନେ ସୁଦୃଷ୍ଟିରେ ଦେଖୁ ନଥିଲେ । ଆରବ୍ୟମାନଙ୍କ ମଧ୍ୟରେ ଛାଡ଼ପତ୍ର ପ୍ରଥା ସାଧାରଣ ଥିଲା । ସ୍ୱାମୀ ଯେତେବେଳେ ଚାହୁଁଥିଲା ସେତେବେଳେ ସେ ନିଜର ପତ୍ନିକୁ ନିଜ ଠାରୁ ଅଲଗା କରିପାରୁଥିଲା । କନ୍ୟା ସନ୍ତାନଙ୍କୁ ଜୀବନ୍ତ କବର ମଧ୍ୟରେ ପୋତି ଦେବାର କୁପ୍ରଥା ମଧ୍ୟ ଆରବୀୟମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । କିନ୍ତୁ ଏହି ପ୍ରଥା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

କଲେ । ଅତଏବ୍ ଉକ୍ତ ଆୟତ୍‌ର ଅନୁବାଦ: ର ବ୍ୟାଖ୍ୟା କରି କୁହନ୍ତି: ଏବଂ ନିକଟ ସଂପର୍କୀୟ (ଆତ୍ମୀୟ ସ୍ୱଜନଙ୍କୁ) ଏବଂ ଦରିଦ୍ର ଓ ପଥିକଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କର ଏବଂ କୌଣସି ପ୍ରକାରର ଅପବ୍ୟୟ କର ନାହିଁ । ଉକ୍ତ ଆୟତ୍‌ରେ ଏହା କୁହାଯାଇଛି ଯେ, ପ୍ରତ୍ୟେକ ବ୍ୟକ୍ତିର ଧନରେ ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନଙ୍କ, ଯାତ୍ରୀମାନଙ୍କର ଅଧିକାର ରହିଛି । ସଂପର୍କୀୟମାନଙ୍କର ଆୟ ଅନେକ ପ୍ରକାରର ସାହାଯ୍ୟର କାରଣ ହୋଇଥାଏ । ସେଇଥି ପାଇଁ ତା' ଧନରେ ସେମାନଙ୍କର ଅଧିକାର ହୋଇଥାଏ । ଉଦାହରଣ ସ୍ୱରୂପ ଅଭିଭାବକମାନେ ଯଦି ନିଜର ଗୋଟିଏ ସନ୍ତାନକୁ ପାଠ ପଢାଇଲେ ଏବଂ ସେହି ସନ୍ତାନ ଯଦି ଉଚ୍ଚ ଶିକ୍ଷିତ ହୋଇ ଉଚ୍ଚ ପଦ ପଦବୀରେ ଆସୀନ ତଥା ଅଧିଷ୍ଠିତ ହେଲା ଏବଂ ତା'ର ଅନ୍ୟ ଭାଇମାନେ ତହିଁରୁ ବଞ୍ଚିତ ରହିଲେ ତେବେ ଭାଇର ସେହି ପଦବୀରେ ମଧ ଅନ୍ୟ ଭାଇମାନଙ୍କର ଅଧିକାର ରହିଛି । କାରଣ ଯେଉଁ ଅର୍ଥ (ଟଙ୍କା) ଦ୍ୱାରା ସେହି ଚାକିରୀ କରିଥିବା ଭାଇକୁ ଶିକ୍ଷା ପ୍ରଦାନ କରାଗଲା ତହିଁରେ ସେମାନଙ୍କର ମଧ ଅଧିକାର ଥିଲା ।

ଅଲ୍ଲାଃତାଲା ଦରିଦ୍ର ଏବଂ ପଥିକମାନଙ୍କର ପ୍ରାପ୍ୟ ଅଧିକାର ରହିଛି ବୋଲି ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି । ଅତଏବ୍ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା ଖୋଲି କହିଛନ୍ତି ଯେ, وَفِيْٓ اَمْوَالِهِمْ حَقٌّ لِّلسَّآئِلِ وَالْمَحْرُوْمِ **(ଜାରିୟାତ୍: 20)** ଏବଂ ସେମାନଙ୍କ ଧନ ସମ୍ପତ୍ତିରେ ଭିକ୍ଷୁକମାନଙ୍କର ମଧ ଭାଗ ରହିଥିଲା ଏବଂ ଯେଉଁମାନେ ଭିକ୍ଷାଟନ କରିପାରୁ ନଥିଲେ ସେମାନଙ୍କର ମଧ ଭାଗ ରହିଛି । ଅର୍ଥାତ୍ ଏପରି ପ୍ରାଣୀ ଯେଉଁମାନେ କିଛି କହି ପାରନ୍ତି ନାହିଁ ଏବଂ ଏପରି ଭଦ୍ରଲୋକ ଯେଉଁମାନେ କିଛି ମାଗିବାକୁ ଅପମାନ ବୋଧ କରନ୍ତି । ସଂସାରରେ ଧନୀ ଦରିଦ୍ରମାନଙ୍କର ସ୍ଥିତି ସର୍ବଦା ପରିବର୍ତ୍ତନ ହୋଇଥାଏ । ଯେଉଁମାନେ ଆଜି ଦରିଦ୍ର ବିଗତ କାଲି ସେମାନେ ଧନୀକ ଥିଲେ । ସେହିପରି ଆଜି ଯେଉଁମାନେ ଧନୀକ ଅଟନ୍ତି ସେମାନେ କାଲି ଦରିଦ୍ର ହେବେ। ସେତେବେଳର ଧନୀକ ବ୍ୟକ୍ତିମାନେ ସେହି ଦରିଦ୍ର ବ୍ୟକ୍ତିମାନଙ୍କ ପ୍ରତି ଉତ୍ତମ ବ୍ୟବହାର ବା ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ଅତଏବ୍ ଯଦି ସମଗ୍ର ସଂସାରକୁ ସାମଗ୍ରିକ ଦୃଷ୍ଟିରେ ଅବଲୋକନ କରାଯାଏ ତେବେ କୌଣସି ବ୍ୟକ୍ତିର ଧନ ସମ୍ପଦ ଖାଣ୍ଟି ଧନ ବା ଖାଣ୍ଟି ସମ୍ପତ୍ତି ହୋଇ ନଥାଏ । ବରଂ ତହିଁରେ ଅନ୍ୟମାନଙ୍କର ମଧ ଅଧିକାର ଅନ୍ତର୍ଭୁକ୍ତ ରହିଛି । **ଦ୍ୱିତୀୟ** କାରଣ ଏହିକି ଯେ, ସଂସାରର ସମସ୍ତ ବସ୍ତୁକୁ ଅଲ୍ଲାଃତାଲା ମାନବଜାତି ନିମନ୍ତେ ସାମୂହିକ ହିସାବରେ ସୃଷ୍ଟି କରିଛନ୍ତି । ନା କି ଅଲ୍ଲାଃତାଲା କେବଳ ଜୈଦ୍ କିମ୍ବା ବକରଙ୍କ ସକାଶେ ବସ୍ତୁକୁ ସୃଷ୍ଟି କରିଛନ୍ତି । ଅତଏବ୍ ଜୈଦ୍ ଏବଂ ବକର୍ କୌଣସି କାରଣ ବଶତଃ ଧନବାନ୍ ହୋଇଯାଇଛନ୍ତି ତେବେ ଏହି ଧନବାନ୍ ହେବା ଦ୍ୱାରା ଅନ୍ୟ ଲୋକମାନଙ୍କର ଅଧିକାର ଅସତ୍ୟ ଏବଂ ଅବୈଧ ସାବ୍ୟସ୍ତ ହୋଇଯିବା ନାହିଁ । ସେହି ଲୋକମାନେ ସାଂସାରିକ ବସ୍ତୁ ଯଥା ଧନ ସମ୍ପତ୍ତିରେ ଜୈଦ୍ ଓ ବକରଙ୍କ ସହିତ ସାମିଲ୍ ଅଟନ୍ତି । ନିଃସନ୍ଦେହ ରୂପେ ବିଶେଷ ପରିଶ୍ରମ ଦୃଷ୍ଟିରୁ ଇସ୍‌ଲାମ୍ ଧର୍ମ ଜୈଦ୍ ଓ ବକରଙ୍କର ଅଧିକ ଅଧିକାରକୁ ସ୍ୱୀକାର କରିଥାଏ । କିନ୍ତୁ ଅନ୍ୟ ଲୋକମାନେ ରୋଜଗାର ନକରି, ବିଶେଷ ପରିଶ୍ରମ ନକରି, ମାଲିକ ନହୋଇ ମଧ ସେମାନଙ୍କୁ କୁରଆନ୍ ପର ବୋଲି ମନେକରେ ନାହିଁ ।

ପଥିକ ତଥା ଯାତ୍ରୀମାନଙ୍କର ଅଧିକାର ଏହିପରି ଯେ, ଯେତେବେଳେ ପଥିକ ଯାତ୍ରୀ ଅନ୍ୟ ସ୍ଥାନ ଆଡ଼କୁ ଯାଇଥାଏ ସେତେବେଳେ ଜୈଦ ଓ ବକର୍ ପଥିକ ଯାତ୍ରୀ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିଥାଆନ୍ତି । ଅତଏବ୍ ଅନ୍ୟ ସ୍ଥାନ ବା ଅନ୍ୟ ଅଞ୍ଚଳର ପଥିକ ଯାତ୍ରୀର ସେବା କରିବା ମଧ ବ୍ୟକ୍ତି ଉପରେ ଅପରିହାର୍ଯ୍ୟ ଅଟେ। କାରଣ ଆତିଥ୍ୟତା (ଅତିଥି ସତ୍କାରକତାର) ଅଧିକାର ସମ୍ପାଦନ ହେଉଥାଉ । ୱବ୍‌ନିସ୍ ସବିଲିର ଅଧିକାର ସମ୍ପାଦନ ସଂକ୍ରାନ୍ତରେ ମଧ ଆଁହଜରତ ସ.ଅ କହିଲେ, ଯେତେବେଳେ ତୁମେମାନେ କୌଣସି ବସ୍ତିକୁ ଯାଅ ସେତେବେଳେ 3 ଦିନ ପର୍ଯ୍ୟନ୍ତ ତୁମମାନଙ୍କୁ ଆତିଥ୍ୟତା ଅଧିକାର ପ୍ରାପ୍ତ ହେବ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଯଦି ବସ୍ତି ବାସୀନ୍ଦା ଆମମାନଙ୍କର ଅଧିକାର ତଥା ଆମମାନଙ୍କର ଆତିଥ୍ୟ କର୍ତ୍ତବ୍ୟ ସମ୍ପାଦନ ନକରନ୍ତି ତେବେ ସେସ୍ଥଳେ ଆମେମାନେ କ'ଣ କରିବୁ ? ଆପଣ ସ.ଅ କହିଲେ, ଯଦି ବସ୍ତି ବାସୀନ୍ଦା ତୁମମାନଙ୍କର ଆତିଥ୍ୟତା ବା ଅତିଥି ସତ୍କାର ନକରନ୍ତି ତେବେ ସେପରିପ୍ରେକ୍ଷୀରେ ତୁମେ ସେମାନଙ୍କ ଠାରୁ ଜୋର ଜବରଦସ୍ତ କରି ନିଜର ଅତିଥି ସେବା କରାଇ ପାରିବ । ଉପରୋକ୍ତ ଆଦେଶବଳୀ ସେହି ସମୟ ନିମନ୍ତେ ଉଦ୍ଦିଷ୍ଟ ଯେତେବେଳେ ଇସ୍‌ଲାମୀୟ ସଂସ୍କୃତି (ଶାସନ) ଜାରି ହେବ । କାରଣ ଏହି ଦିନମାନଙ୍କରେ ଅନ୍ୟ ଲୋକମାନେ ତହିଁରୁ (ଆଦେଶାବଳୀରୁ) ଆତିଥ୍ୟତାର ଅଧିକାର ପ୍ରାପ୍ତ କରି ପାରିବେ । ଉପରୋକ୍ତ ଆଦେଶାବଳୀକୁ ଯଦି ସଂସାରରେ ଜାରି କରାଯାଏ ତେବେ ଅନେକ ତ୍ରୁଟି ଯାହାକି ହୋଟେଲ୍ ଏବଂ ପାନ୍ଥଶାଳା, ଯାତ୍ରୀମାନଙ୍କର ରହଣୀ ସ୍ଥାନ ଯୋଗୁଁ ସୃଷ୍ଟି ହୋଇଛି ସେହି ସବୁ ସମସ୍ୟା ଏବଂ ତ୍ରୁଟିଗୁଡ଼ିକ ଦୂରୀଭୂତ ହୋଇଯିବ ଓ ଦରିଦ୍ରମାନଙ୍କ ନିମନ୍ତେ ମଧ ସଂସାରର ଯାତ୍ରା ଯାହାକି ସର୍ବୋଚ୍ଚ ସଂସ୍କାରର ଏକ ମାଧମ ଅଟେ ତାହା ସହଜ ହୋଇଯିବ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ସ୍ୱୟଂ ଉକ୍ତ ଆଦେଶାବଳୀକୁ ପାସୋରି ଦେଇଛନ୍ତି ।

ଯାତ୍ରୀମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ଏହି ସର୍ବସାଧାରଣ ଆଦେଶ ସଂସାରରୁ ଅନେକ ଉପଦ୍ରବକୁ ସମାପ୍ତ କରିବାର କାରଣ ସାଜିବ । କାରଣ କଳି ଝଗଡ଼ା ଘୃଣା ଯୋଗୁଁ ହିଁ ସୃଷ୍ଟି ହୋଇଥାଏ । ଯଦି ଏହିପରି ଅତିଥି ସତ୍କାରକର ବ୍ୟବସ୍ଥା ପ୍ରଚଳିତ ଥାଏ ତେବେ ଘୃଣା ଏବଂ ହିଂସାଭାବ ଦୂରୀଭୂତ ହୋଇଯିବ ଏବଂ ଗ୍ରାମ, ଦେଶ ମଧରେ ଥିବା ବିବାଦ ଓ ଝଗଡ଼ା ସମାପ୍ତ ହୋଇଯିବ । ଯେଉଁ ଲୋକମାନେ ଅନ୍ୟ ରାଷ୍ଟ୍ରରେ ରହି ସେହି ରାଷ୍ଟ୍ରର ଅତିଥି ସତ୍କାରକରୁ ଲାଭାନ୍ୱିତ ହୋଇ ସାରିଛନ୍ତି ସେମାନେ କେବେ ବି ଶୀଘ୍ର ସେହି ରାଷ୍ଟ୍ର ବିପକ୍ଷରେ ଯୁଦ୍ଧ କରିବା ନିମନ୍ତେ ରାଜି ହେବେ ନାହିଁ । କିନ୍ତୁ ଯେଉଁମାନେ ଦୁଷ୍ପ୍ରକୃତିର ଏବଂ ଖଳ ତଥା ମନ୍ଦ ସ୍ୱଭାବର ବ୍ୟକ୍ତି ଅଟନ୍ତି ସେମାନେ ଅପେକ୍ଷାକୃତ ଉତ୍ତମ ସ୍ୱଭାବ ବ୍ୟକ୍ତିମାନଙ୍କ ତୁଳନାରେ ଅନ୍ୟ ରାଷ୍ଟ୍ର ସହିତ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଯିବେ । ଏହିପରି ଭାବରେ ଉପରୋକ୍ତ ଆଦେଶାବଳୀ ଦ୍ୱାରା ଗ୍ରାମ ଏବଂ ପ୍ରାନ୍ତୀୟ ବ୍ୟବସ୍ଥାର ମୂଳଦୁଆ ମଧ ପଡ଼ିଥାଏ । କାରଣ ଅତିଥି ସତ୍କାର ସମଗ୍ର ଗ୍ରାମ ଉପରେ ଅନିର୍ବାର୍ଯ୍ୟ ତଥା ବାଧତାମୂଳକ କରି ଦିଆଯାଇଛି । ଅତଏବ୍ ଉକ୍ତ (ଏହି) ଆଦେଶାବଳୀକୁ ସଂପୂର୍ଣ୍ଣ କରିବା ନିମନ୍ତେ ପ୍ରତ୍ୟେକ ଗ୍ରାମବାସୀ ଏପରି ଏକ ଶାସନବ୍ୟବସ୍ଥାର ଆଜ୍ଞା ପାଳନ କରିବାକୁ ବାଧ ହେବେ ଯେଉଁ ଶାସନବ୍ୟବସ୍ଥା ଅଧୀନ ସମଗ୍ର ଗ୍ରାମ ଅତିଥିମାନଙ୍କର ସେବା କରିବାକୁ ସକ୍ଷମ ହୋଇପାରିବ । ଏହି ବ୍ୟବସ୍ଥା ସେମାନଙ୍କର ଅନ୍ୟ କାର୍ଯ୍ୟମାନଙ୍କରେ ମଧ ଉପକାରୀ ବା ଲାଭଦାୟକ ସାବ୍ୟସ୍ତ ହେବ ।

لَا تُبَذِّرْ ଅର୍ଥାତ୍ ଉପରୋକ୍ତ ଆଦେଶାବଳୀରେ ଧନ ବ୍ୟୟ କରିବା ନିମନ୍ତେ ଯେଉଁ ଉପଦେଶ ପ୍ରଦାନ କରାଯାଇଛି ତାହାର ଏହି ଅର୍ଥ ନମନେକରାଯାଉ ଯେ, ଧନକୁ ଅଯଥାରେ ଅପଚୟ କରିଦେବା । ଅଲ୍ଲାଃତାଲା କୁହନ୍ତି ଯେ, ଆମ୍ଭେମାନେ ସେମାନଙ୍କୁ ସେହି ଆଦେଶାବଳୀର ଆଦେଶ ଦେଇଛୁ ଯାହା ସେମାନଙ୍କ ନିମନ୍ତେ ଆବଶ୍ୟକ ଅଟେ। ଅଯଥାରେ ଧନ ବ୍ୟୟ ତଥା ଅପଚୟ କରିବା ନିମନ୍ତେ ଆମେମାନେ ସେମାନଙ୍କୁ ଆଦେଶ ଦେଇ ନାହୁଁ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଇବ୍‌ନେ ମସ୍‌ଉଦ୍ ର.ଅଙ୍କ ଏକ କଥନ ରହିଛି ଯେ, اَلتَّبْذِيْرُ اَلْاِنْفَاقُ فِيْ غَيْرِ حَقٍّ ଅର୍ଥାତ୍ ଅଯଥା ଖର୍ଚ୍ଚ ବା ବ୍ୟୟ କରିବାକୁ ଅପବ୍ୟୟ ବୋଲି କୁହନ୍ତି । ତେଣୁ ଉକ୍ତ ଆଦେଶାବଳୀରେ ଧାର୍ମିକ ବ୍ୟୟ ଅନ୍ତର୍ଭୁକ୍ତ ନୁହେଁ । ଧର୍ମର କୌଣସି ଆବଶ୍ୟକତା ନିମନ୍ତେ ଯଦି କୌଣସି ବ୍ୟକ୍ତି ନିଜର ସମସ୍ତ ଧନକୁ ବି ଈଶ୍ୱରଙ୍କ ମାର୍ଗରେ ବ୍ୟୟ କରିଦିଏ ତେବେ ତାହା مبذر ଅର୍ଥାତ୍ ଅପବ୍ୟୟ ହେବ ନାହିଁ । କାରଣ ସେ ଅଯଥା ଅପବ୍ୟୟ କରି ନାହିଁ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ପବିତ୍ର କୁରଆନ୍ କରୀମରେ ଅଯଥା ଅପଚୟ ବା ଅପବ୍ୟୟ ସଂକ୍ରାନ୍ତରେ ଅନ୍ୟ ଏକ ସ୍ଥାନରେ ଏହିପରି ବର୍ଣ୍ଣନା ରହିଛି ଯେ, وَالَّذِيْنَ اِذَآ اَنْفَقُوْا لَمْ يُسْرِفُوْا وَلَمْ يَقْتُرُوْا وَكَانَ بَيْنَ ذٰلِكَ قَوَامًا **(ଅଲ୍ ଫୁର୍କାନ୍: 6)** ଅନୁବାଦ : ଏବଂ ସେ ଭକ୍ତମାନେ କହନ୍ତି ଯେ, ହେ ଆମ୍ଭମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଆମ୍ଭମାନଙ୍କ ଠାରୁ ନରକର ଶାସ୍ତିକୁ ଦୂରେଇ ଦିଅ । ଏଠାକାର ଶାସ୍ତି ବାସ୍ତବିକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅଟେ । **(ତଫ୍‌ସିର୍ କବିର୍, ଭାଗ-4, ପୃ-323-324, ପ୍ରକାଶନ ସ୍ଥାନ କାଦିୟାନ୍, 2010 ମସିହା)** ☆-☆-☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

କିରଥାଆନ୍ତି ।" **(ଖୁତ୍‌ବା ଜୁମା, ପ୍ରଦତ୍ତ 2020 ମସିହା, ଏପ୍ରିଲ୍ ମାସ-24 ତାରିଖ)**

ଅତଏବ୍ ଏହି ଶିକ୍ଷା ଆମମାନଙ୍କୁ ଅତ୍ୟନ୍ତ ସାମ୍ୟତାମୂଳକ ବିନ୍ଦୁର ଦୃଷ୍ଟି ପ୍ରଦାନ କରିଥାଏ । ଗୋଟିଏ ପଟରେ ଇସ୍‌ଲାମ୍ ଧର୍ମ ରୋଗ ଏବଂ ଦୁର୍ବଳ ଅବସ୍ଥାରେ ବ୍ୟକ୍ତିକୁ ସ୍ୱାଧୀନତା ଏବଂ ରିହାତି ପ୍ରଦାନ କରିଛି ଯେ, ସେ ରୋଜା ନରଖୁ । ଅନ୍ୟ ପାର୍ଶ୍ୱରେ ଇସ୍‌ଲାମ୍ ଧର୍ମ ଆମମାନଙ୍କୁ ଏହି ଶିକ୍ଷା ମଧ ପ୍ରଦାନ କରିଛି ଯେ, ଆମେମାନେ ନିଜର ଦୁର୍ବଳତାକୁ ଆଳ ରୂପେ ବ୍ୟବହାର ନକରୁ । ବରଂ ନିଷ୍ଠାର ସହିତ ଉପାସନା କରିବା ଉଚିତ୍ । ସୁତରାଂ ପବିତ୍ର ରମ୍‌ଜାନୁଲ୍ ମୁବାରକ୍ ମାସ କେବଳ ରୋଜା ରଖିବାର ନାମ ନୁହେଁ। ବରଂ ଏହି ମାସ ଏକ ସାମଗ୍ରିକ ସଂସ୍କାରର ବ୍ୟବସ୍ଥା ଅଟେ । ଯହିଁରେ ମନୁଷ୍ୟ ନିଜ ଆତ୍ମାର ସୁଧାର କରିଥାଏ, ନିଜ ଉପାସନାକୁ ଉତ୍ତମ ତଥା ଉତ୍କୃଷ୍ଟ କରିଥାଏ ଓ ନିଜର ସନ୍ତାନ ସନ୍ତତିଙ୍କୁ ମଧ ସେହି ପୁଣ୍ୟବଳୀ ମାର୍ଗରେ ପରିଚାଳିତ କରିଥାଏ । ଅଭିଭାବକମାନଙ୍କର ଏହି ଦାୟିତ୍ୱ ରହିଛି ଯେ, ସେମାନେ ଅତ୍ୟନ୍ତ ତାତ୍ତ୍ୱିକ ଏବଂ ପ୍ରେମ ଓ କ୍ରମିକାତର ସହିତ ତଥା ସ୍ତରାନୁଯାୟୀ ନିଜ ସନ୍ତାନମାନଙ୍କ ମଧରେ ଧାର୍ମିକ ପ୍ରେମ ଏବଂ ଆନ୍ତରୀକତା ଭାବ (ଆଚରଣ) ସୃଷ୍ଟି କରନ୍ତୁ, ନା କି ସେମାନଙ୍କ ପ୍ରତି କଠୋରତା ଏବଂ କ୍ରୁରତା ଭାବ (ଆଚରଣ ପ୍ରଦର୍ଶନ) ସୃଷ୍ଟି କରନ୍ତୁ । ଯଦିଓ ମନୁଷ୍ୟ ଏହି ସଂସାରକୁ ଚିରକାଳ ନିମନ୍ତେ ଆସି ନାହିଁ । କିନ୍ତୁ ତଥାପି ଏକ ସଂକ୍ଷିପ୍ତ ଓ ସ୍ୱଳ୍ପ କାଳ ଅତିବାହିତ କରି ତହିଁରୁ (ସଂସାରରୁ) ବାହୁଡ଼ିଯିବ । କିନ୍ତୁ ଏହି ସଂକ୍ଷିପ୍ତ ଜୀବନକୁ ମନୁଷ୍ୟ ସାର୍ବକାଳୀନ ଜୀବନ କରିପାରିବ । ଅର୍ଥାତ୍ ମନୁଷ୍ୟ ଯଦି ନିଜର ସନ୍ତାନ ସନ୍ତିମାନଙ୍କର ଏପରି ସଂସ୍କାର କଲା ଯେପିରିକି ଧର୍ମପରାୟଣତା, ଉପାସନା ଓ ଈଶ୍ୱରଙ୍କ ପ୍ରେମ ସ୍ଥାପିତ ହେବ ତେବେ ସେପରିପ୍ରେକ୍ଷୀରେ ରମଜାନୁଲ୍ ମୁବାରକ୍ ମାସ ଆମମାନଙ୍କୁ ଏହି ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଥାଏ ଯେ, ଆମେମାନେ କେବଳ ନିଜର ଆତ୍ମିକ ସଂଶୋଧନ ଓ ସୁଧାର କରିବା ନାହିଁ ବରଂ ନିଜର ସନ୍ତାନ ସନ୍ତିମାନଙ୍କୁ ମଧ ପୁଣ୍ୟ ମାର୍ଗରେ ଅଗ୍ରସର ତଥା ପରିଚାଳିତ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ। ☆☆☆

## ପୃ-10 ରେ ବର୍ଣ୍ଣିତ ସିରତୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

ଆରବ୍ୟମାଙ୍କର ବିଶେଷ ସଂପ୍ରଦାୟମାନଙ୍କ ମଧରେ **(ଅବଶିଷ୍ଟାଂଶ.....ପୃ-12ରେ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 26 March 02 April 2026 Issue No. 13-14

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-11 ରେ ବର୍ଣ୍ଣିତ ସିରତୁନ୍ ନବୀୟିନର ଅବଶିଷ୍ଟାଂଶ.....

ହିଁ ପ୍ରଚଳିତ ଥିଲା । କନ୍ୟା (ଝିଅ)ମାନଙ୍କୁ ସମ୍ପତ୍ତିରେ ଭାଗ ମିଳୁ ନଥିଲା ଓ ନା ହିଁ ପତ୍ନିଙ୍କୁସମ୍ପତ୍ତିରେ ଭାଗ ମିଳୁଥିଲା । ଏପର୍ଯ୍ୟନ୍ତକି ଯଦି ଜଣେ ପତ୍ନି ଗର୍ଭରୁ ପୁତ୍ର ସନ୍ତାନ ଜାତ ହେଉ ନଥିଲା ତେବେ ତା' ମୃତ୍ୟୁ ଉପରାନ୍ତ (ପରେ) ତା'ର (ବ୍ୟକ୍ତିର) ସମସ୍ତ ସମ୍ପତ୍ତି ତା'ଭାଇମାନେ ନେଇ ଯାଉଥିଲେ ଓ ତା' ପତ୍ନି ଏବଂ କନ୍ୟାମାନଙ୍କୁ ସମ୍ପତ୍ତିରୁ ଶୂନ୍ୟହସ୍ତ ହେବାକୁ ପଡୁଥିଲା । ସେମାନଙ୍କୁ କିଛି ବି ମିଳୁ ନଥିଲା ।

**ପ୍ରଥ, ପରମ୍ପରା ଓ ପରମ୍ପରାଗତ ପର୍ବ ପାଳନ :**

ବର୍ତ୍ତମାନ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରାଯିବ ଯେ, ଇସ୍‌ଲାମ୍ ଧର୍ମର ଆବିର୍ଭାବ ହେବା ସମୟରେ ଆରବରେ ଅନେକ ଧର୍ମ ଦେଖିବାକୁ ମିଳୁଥିଲା । ନାନା ଧର୍ମ ଓ ମତ ତଥା ନାନା ଲୋକେ ବିଭିନ୍ନ ଚିନ୍ତାଧାରାର ଅନୁଗାମୀ ଥିଲେ । କିନ୍ତୁ ଅଭ୍ୟାସ ଏବଂ ଜାତୀୟ ଚରିତ୍ର ଦୃଷ୍ଟିରୁ ଆରବ ଦେଶ ଏକ ରାଷ୍ଟ୍ର ତୁଲ୍ୟ ଥିଲା । ଉପରୋକ୍ତରେ ସେମାନଙ୍କ ସଂପର୍କରେ ଯେଉଁସବୁ ଗୁଣାବଳୀର ଚର୍ଚ୍ଚା କରାଯାଇଛି ତାହା ସେମାନଙ୍କଗ ମଧ୍ୟରେ ଦେଖିବାକୁ ମିଳୁଥିଲା । ତେଣୁ ଅଶିକ୍ଷିତ ଯୁଗରେ ୟସ୍ରବ୍ (ମଦିନା)ରେ ଫତ୍ୟୁନ୍ ନାମକ ଜଣେ ଇହୁଦୀ ଅଧିପତି ଥିଲା । ସେହି ହତଭାଗ୍ୟର ଏହି ଆଦେଶ ରହିଥିଲା ଯେ, ସହରରେ ଯେଉଁ ବ୍ୟକ୍ତିର କନ୍ୟା ବିବାହ ହେବ ସେହି କନ୍ୟା ପ୍ରଥମେ  ସେହି ଇହୁଦୀ ବ୍ୟକ୍ତି (ଫତ୍ୟୁନ) ପାଖକୁ ଆସିବ । ଅତଏବ୍ ମଦିନାର ଅନେକ ଇହୁଦୀମାନେ ନିଜର କିଶୋରୀ କନ୍ୟାର ବିବାହ ପୂର୍ବରୁ କନ୍ୟାକୁ ସେହି ଅଧିପତିର ଘରକୁ ପ୍ରେରଣ କରୁଥିଲେ ଏବଂ ତା' ପରେ ଯାଇ ସେହି କନ୍ୟା ଅନ୍ୟ ପାଇଁ ବୈଧ ବୋଲି ବିବେଚିତ ହେଉଥିଲା । ପରିଶେଷରେ ଜଣେ ସ୍ୱାଭିମାନୀ ବ୍ୟକ୍ତି ଫତ୍ୟୁନ୍‌ର ବଧ କରିଦେଲା। ସେହିପରି ସେହି କାଳରେ ଖ୍ରୀଷ୍ଟମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଯେପରିକି ସାର୍ ୱିଲିୟମ୍ ମିଓର୍ ସାହେବ ମଧ୍ୟ ନିଜ ପୁସ୍ତକରେ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି ଯେ, ଅର୍ଥାତ୍ ଆରବରେ ପିତୁଳା ପୂଜା, ଇହୁଦୀ, ଖ୍ରୀଷ୍ଟିଆନ ଇତ୍ୟାଦି ସମସ୍ତଙ୍କର ଅଭ୍ୟାସ, ଆଚରଣ, ଶକ୍ତି ଇତ୍ୟାଦି ଦୃଷ୍ଟିରୁ ସମାନ ଥିଲେ । ହତ୍ୟା ବିଭୀଷିକା, ଜୁଆ ଏବଂ ପଶାଖେଳ, ବ୍ୟଭିଚାର, ମଦ୍ୟପାନ ଇତ୍ୟାଦିର ବଜାର ସର୍ବତ୍ର ଉଷ୍ମ ଥିଲା ।

ସେହିପରି ପ୍ରଥା ପରମ୍ପରାର ନିୟମାନୁବର୍ତ୍ତୀ ମଧ୍ୟ ସମସ୍ତଙ୍କ ମଧ୍ୟରେ ସମାନ ଥିଲା। ପ୍ରଥା ପରମ୍ପରାର ସ୍ତରର କୌଣସି ସୀମା ନଥିଲା । ଧର୍ମ ମଧ୍ୟ ପ୍ରଥା ପରମ୍ପରା ସମ୍ମୁଖରେ ତୁଚ୍ଛ ଥିଲା । ବିଚିତ୍ର ପ୍ରକାରର ପ୍ରଥା ଦେଶରେ ପରିବ୍ୟାପ୍ତ ଥିଲା । ଉଦାହରଣ ସ୍ୱରୂପ ବଳିଦାନ ପ୍ରଥା । ଅର୍ଥାତ୍ ଏକ ବଳିଦାନରେ 10 ଜଣ ଲୋକମାନେ ନିଜର ଭାଗ ଦେଉଥିଲେ ଓ ପୁନଶ୍ଚ ସଠିକ୍ ଭାଗ ବଣ୍ଟା ହେଉ ନଥିଲା । ବରଂ ବଳିଦାନର ତୀର ସାହାଯ୍ୟରେ ଏକ ପ୍ରକାରର ଗୁଳା ପଡୁଥିଲା ଏବଂ ପୁନଶ୍ଚ ଏହି ପ୍ରକାରରେ ଯାହାର ବି ଭାଗ ବାହାରୁଥିଲା ସେହି ବ୍ୟକ୍ତିକୁ ଭାଗଟି ପ୍ରାପ୍ତ ହୋଇଯାଉଥିଲା । କେତେକ ଲୋକମାନେ ନିଜର ଭାଗରୁ ବଞ୍ଚିତ ରହୁଥିଲେ । ପ୍ରତ୍ୟେକ ତୀରର ନାମ ଭିନ୍ନ ଭିନ୍ନ ଓ ପୃଥକ୍ ପୃଥକ୍ ଭାଗ ନିର୍ଦ୍ଧାରିତ ହେଉଥିଲା ।


ତୀର ଦ୍ୱାରା ଶକୁନ (ଶୁଭ ଫଳ) ବାହାର କରିବାର ପ୍ରଥା ମଧ୍ୟ ସର୍ବ ସାଧାରଣରେ ପ୍ରଚଳିତ ଥିଲା । ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ ତୀର ଦ୍ୱାରା ଶୁଭ ଫଳ ବାହାର କରାଯାଉଥିଲା । ପକ୍ଷୀକୁ ଉଡ଼ାଇ ମଧ୍ୟ ଶୁଭ ଫଳ ବାହାର କରିବାର ପ୍ରଥା ମଧ୍ୟ ପ୍ରଚଳିତ ରହିଥିଲା । ସେହି ଆରବ୍ୟ ସଂପ୍ରଦାୟମାନଙ୍କ ମଧ୍ୟରେ ଏକ ବିଚିତ୍ର ପ୍ରକାରର ପ୍ରଥା ମଧ୍ୟ ପ୍ରଚଳିତ ଥିଲା । ତାହା ଏହିପରି ଯେ, ଯେତେବେଳେ ଆରବ୍ୟ ଲୋକମାନେ କୌଣସି କାର୍ଯ୍ୟ ନିମନ୍ତେ ଯାତ୍ରାର କାମନା କରି ଘରୁ ବାହାରକୁ ବାହାରୁଥିଲେ ସେତେବେଳେ ଯଦି ମାର୍ଗରେ କୌଣସି କାରଣ ଯୋଗୁଁ ଫେରିବାକୁ ପଡୁଥିଲା, ସେତେବେଳେ ସେମାନେ ସମ୍ମୁଖ (ସାମ୍ନା ପଟ) ଦୁଆର (କବାଟ) ମଧ୍ୟ ଦେଇ ଭିତରକୁ ପ୍ରବେଶ କରୁ ନଥିଲେ । ବରଂ ପଛ ପଟ କବାଟ ଦେଇ ଆସୁଥିଲେ । ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଏଥି ସଂକ୍ରାନ୍ତରେ ଇଙ୍ଗିତ ରହିଛି । କେତେକ ସଂପ୍ରଦାୟମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳିତ ଥିଲା ଯେ, ଯଦି କୌଣସି ବ୍ୟକ୍ତି ମୃତ୍ୟୁବରଣ କରୁଥିଲା  ତେବେ ସେହି ବ୍ୟକ୍ତିର କବର ପାଖରେ ଓଟକୁ ବାନ୍ଧି ଦିଆଯାଉଥିଲା । ଏପର୍ଯ୍ୟନ୍ତକି ସେହି ଓଟଟି ଭୋକିଲା ମୃତ୍ୟୁବରଣ କରୁଥିଲା । ମହିଳାମାନଙ୍କ ମଧ୍ୟରେ ଆର୍ତ୍ତ ଚିତ୍କାର, କାନ୍ଦଣା ଇତ୍ୟାଦି କରିବାର ଅଭ୍ୟାସ ରହିଥିଲା । ସେମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଶୋକ ପାଳନ କରୁଥିଲେ । ଆରବ୍ୟମାନଙ୍କ ମଧ୍ୟରେ ସାଧାରଣତଃ ମହିଳାମାନେ ପାଳିତ ଜୀବମାନଙ୍କର କ୍ଷୀର ଦୁହୁଁ ନଥିଲେ । କ୍ଷୀର ଦୁହା କାର୍ଯ୍ୟକୁ ଅତ୍ୟନ୍ତ ଘୃଣ୍ୟ ବୋଲି ମନେକରାଯାଉଥିଲା ।

ପଶୁମାନଙ୍କୁ ପିତୁଳାମାନଙ୍କର ନାମାନୁଯାୟୀ କିମ୍ବା ଅନ୍ୟ କୌଣସି ନଜର୍ ଇତ୍ୟାଦି ବଦଳରେ (ଯୋଗୁଁ) ଛାଡ଼ି ଦେବାର ପ୍ରଥା ରହିଥିଲା ଏବଂ ଏଥି ସଂକ୍ରାନ୍ତରେ 4 ପ୍ରକାରର ଜୀବମାନେ ଅତ୍ୟନ୍ତ ଜଣାଶୁଣା ଥିଲେ । ପ୍ରଥମତଃ- ସାଇବା । ସାଇବା ଏପରି ଓଟକୁ ବୁଝାଏ । **(ଅବଶିଷ୍ଟାଂଶ.........ପରବର୍ତ୍ତୀ ସଂଖ୍ୟାରେ)**

## ସିରତୁଲ୍ ମେହ୍‌ଦୀ

**ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ**

(23) بِسۡمِ اللّٰہِ الرَّحۡمٰنِ الرَّحِیۡمِ ବିନୀତ କହି ଦେଉଛି ଯେ, ହ. ମସିହ୍ ମଉଦ୍ ଅ.ସ ନିଜ ଜୀବନର ଶେଷ ସମୟରେ ଲେଖନୀ କାର୍ଯ୍ୟ ବଙ୍କା ମୁନ ଦ୍ୱାରା କରୁଥିଲେ। ଆପଣ ଗାରପକା କାଗଜ ବ୍ୟତୀତ ଧଳା କାଗଜ ମଧ୍ୟ ବ୍ୟବହାର କରୁଥିଲେ । ଆପଣ ଅ.ସଙ୍କର ଏହି ଅଭ୍ୟାସ ଥିଲା ଯେ, ଆପଣ କାଗଜ ନେବା ପରେ କାଗଜର ଉଭୟ ପାର୍ଶ୍ୱରେ ଭୂଲମ୍ବ ଭାବରେ କାଗଜକୁ ମୋଡ଼ି (ଫୋଲ୍ଡ୍ କରି) ଦେଉଥିଲେ । କାରଣ ଉଭୟ ପାର୍ଶ୍ୱରେ ଅର୍ଥାତ୍ ବାମ ଓ ଡାହାଣ ପାର୍ଶ୍ୱରେ ଧଳା ଗାର ଯେପରି ରହୁ । ଆପଣ ଅ.ସ କଳା ଇଙ୍କ୍ (ସ୍ୟାହି) ଦ୍ୱାରା ଲେଖି ନେଉଥିଲେ ଏବଂ ବ୍ଲୁ , ବ୍ଲାକ୍ ଦ୍ୱାରା ମଧ୍ୟ ମାଟିର ବୃତ୍ତାକାର ଆକୃତିର ଥାଳି ତିଆରି କରି ନେଉଥିଲେ । କାରଣ କାଳୀ (ସ୍ୟାହି) ତଳେ ପଡ଼ିବାର ସମ୍ଭାବନା ଯେପରି ନରହୁ । ଆପଣ ଅ.ସ ସାଧାରଣତଃ ଲେଖୁ ଲେଖୁ ବୁଲୁଥିଲେ ମଧ୍ୟ । ଅର୍ଥାତ୍ ଆପଣ ବୁଲୁଥିଲେ ଓ ଲେଖୁ ମଧ୍ୟ ଥିଲେ । ଆପଣ ଦୁଆତ ଗୋଟିଏ ସ୍ଥାନରେ ରଖି ଦେଉଥିଲେ । ଯେତେବେଳେ ଆପଣ ଅ.ସ ଦୁଆତ ପାଖ ଦେଇ ଅତିକ୍ରମ କରୁଥିଲେ ସେତେବେଳେ  ଆପଣ ଅ.ସ କଲମ ମୁନକୁ ଦୁଆତ ମଧ୍ୟସ୍ଥ ସ୍ୟାହିରେ ବୁଡ଼ାଉଥିଲେ ଓ ଲେଖି ଯାଉଥିଲେ । ଆପଣ ଅ.ଲ ଲେଖିବା ସଙ୍ଗେସଙ୍ଗେ ନିଜର ଲେଖନୀକୁ ପଢୁଥିଲେ । ଆପଣ ଅ.ସଙ୍କର ଏହି ଅଭ୍ୟାସ ରହିଥିଲା ଯେ, ଯେତେବେଳେ ଆପଣ ଅ.ସ ନିଜ ଲେଖାକୁ ପଢୁଥିଲେ ସେତେବେଳେ ଆପଣ ଅ.ସ ନିଜ ଓଠରୁ ଗୁଣୁଗୁଣୁ ଶବ୍ଦ ଆସୁଥିଲା ଏବଂ ସ୍ରୋତା ଶବ୍ଦକୁ ସ୍ୱଷ୍ଟ ବୁଝିପାରୁ ନଥିଲା। ବିନୀତ ମିର୍ଜା ସୁଲତାନ୍ ଅହମଦ୍ ସାହେବଙ୍କୁ ଏପରି ପାଠ କରୁଥିବା ଶୁଣିଛି ଯେ, ତାଙ୍କର ପଠନ ଶୈଳୀ ହ. ମସିହ ମଉଦ୍ ଅ.ସଙ୍କ ପଠନ ଶୈଳୀ ସହିତ ମିଶିଯାଉଛି। ଆପଣଙ୍କର ଲେଖନୀ ପକ୍କା କିନ୍ତୁ ଜର୍ଜରିତ ହେଉଥିଲା । ଯେଉଁ ବ୍ୟକ୍ତିର ପତ୍ର ପଠନର ଅଭ୍ୟାସ ନଥିଲା ସେ ତାହାକୁ ଅର୍ଥାତ୍ ଲେଖନୀକୁ ସ୍ୱଷ୍ଟ ପାଠ କରିପାରୁ ନଥିଲା । ବେଳେବେଳେ ଆପଣ ଅ.ସ ନିଜର ଲେଖାକୁ କାଟି ପରିବର୍ତ୍ତନ ମଧ୍ୟ କରି ଦେଉଥିଲେ। ସୁତରାଂ ଆପଣ ଅ.ସଙ୍କ ଅନେକ ଲେଖନୀରେ ଅନେକ ସ୍ଥାନରେ ଲେଖା କଟା ଅଂଶ ଦୃଶ୍ୟମାନ ହୋଇଥାଏ ଏବଂ ଆପଣ ଅ.ସଙ୍କ ପତ୍ର ଅତ୍ୟନ୍ତ ସୂକ୍ଷ୍ମ ହେଉଥିଲା । ସୁତରାଂ ଆପଣ ଅ.ସଙ୍କ ପତ୍ରର ଏକ ନମୁନା ନିମ୍ନରେ ପ୍ରଦାନ କରାଗଲା :



**ପତ୍ରର ପ୍ରତିକୃତି ବା ପ୍ରତିଲିପି**

ଏତଦ୍‌ଭିନ୍ନ ମୋତେ ନିଜ ସନ୍ତାନମାନଙ୍କ ନିମନ୍ତେ ଏହି ଚିନ୍ତା ମଧ୍ୟ ରହିଛି ଯେ, ସେମାନଙ୍କର ବିବାହ ଏପରି କନ୍ୟା ସହିତ ହେବା ଉଚିତ୍ ଯେ, ସେହି କନ୍ୟାମାନେ ଧାର୍ମିକ ଶିକ୍ଷା ଏବଂ କିଛିଟା ଆରବୀ, ଫାର୍ସି ଓ ଇଂରାଜୀ ଭାଷା ଶିଖିଥିବା ଉଚିତ୍ ଏବଂ ବଡ଼ ବଂଶ ତଥା ପରିବାରକୁ ଶୃଙ୍ଖଳିତ ବ୍ୟବସ୍ଥିତ କରିବା ନିମନ୍ତେ ବୁଦ୍ଧି ଏବଂ ଚତୁର ହୋଇଥିବା ଉଚିତ୍ । ଅତଏବ୍ ଏହି ସମସ୍ତ ପ୍ରସଙ୍ଗ ବ୍ୟତୀତ ଅନ୍ୟ ସୁଗୁଣାବଳୀର ମଧ୍ୟ ସେମାନେ ଅଧିକାରୀଣୀ ହୋଇଥିବା ଉଚିତ୍ । ଈଶ୍ୱରଙ୍କ ଆୟତ୍ତରେ ରହିଛି ଯେ, ପଞ୍ଜାବ୍‌ର ଶିଷ୍ଟ ତଥା ସଜ୍ଜନ ବଂଶରେ ଝିଅମାନଙ୍କ ଶିକ୍ଷା ପ୍ରତି ଧ୍ୟାନ କମ୍ ରହିଛି। ତେଣୁ ସେହି ଅବଳା ନିରୀହା କନ୍ୟାମାନେ ନୃଶଂସ ପଶୁମାନଙ୍କ ପରି ଲାଳିତ ପାଳିତ ହୋଇଥାଆନ୍ତି । ବିନୀତ କହି ଦେଉଛି ଯେ, ଏହି ପଂକ୍ତିଟି ଏକ ପତ୍ରରୁ ଉଦ୍ଧୃତ କରାଯାଇଛି ଯାହାକୁ ହ. ମସିହ୍ ମଉଦ୍ ଅ.ସ ମିର୍ଜା ମେହମୁଦ୍ ବେଗ୍ ପଟ୍ଟୀ ସାହବଙ୍କୁ ଲେଖିଥିଲେ । **(ଅବଶିଷ୍ଟାଂଶ.........ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan